CMYK

- Vol.- 46, Issue No. 21
- Tuesday, 21 April 2026
- ମଙ୍ଗଳବାର, ୨୧ ଏପ୍ରିଲ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### କଟକ ସିଆରଆରଆଇରେ ମୁଖ୍ୟମନ୍ତ୍ରୀ

# କୃଷକମାନେ ହିଁ ପ୍ରକୃତ ସାରଥୀ




- କୃଷି ଅଭିବୃଦ୍ଧି ହାର ୫.୩ ପ୍ରତିଶତ
- ସିଏମ କିଷାନରେ ୪୧.୬୮ ଲକ୍ଷ ଚାଷୀ, ପାଇଲେ ୮୩୮ କୋଟି ଟଙ୍କା
- 'ଆମ ବିହନ ରଥ'ଓ 'କୃଷି ରଥ'ର ଶୁଭାରମ୍ଭ

ଭୁବନେଶ୍ୱର,୨୦।୪(ନିପ୍ର): ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଠାରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର କୃଷକମାନଙ୍କ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି। ଏହି ଅବସରରେ ସେ ୪୧,୬୮, ୫୮୨ ଜଣ ଚାଷୀଙ୍କୁ ସିଏମ-କିଷାନ ଯୋଜନାରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ କୃଷିକୁ ଆଧୁନିକ ଓ ଲାଭଜନକ କରିବା ପାଇଁ ନୂଆ ପଦକ୍ଷେପ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଧାନ ଗବେଷଣା କେନ୍ଦ୍ର ନିକଟରେ ଥିବା ଚାଷ ଜମିରେ ମୁଖ୍ୟମନ୍ତ୍ରୀ ଭୂମି ପୂଜା କରିବା ପରେ ଅକ୍ଷି ମୁଠି ଅନୁକୂଳ କରିଥିଲେ । ଏହାପରେ କୃଷି ପ୍ରଦର୍ଶନୀ ବୁଲି ଦେଖିବା ପରେ ' ଆମ ବିହନ ରଥ' ଏବଂ 'କୃଷି ରଥ'ର ଶୁଭାରମ୍ଭ କରିଥିଲେ । ସୂଚନା ଯୋଗ୍ୟଯେ , କୃଷକଙ୍କୁ ସହଜରେ ଉନ୍ନତ ବିହନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଆମ ବିହନ ରଥ" ବା ସିଡସ୍ ଅନ୍ ହ୍ୱିଲସ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ର ଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକରେ ଚାଲୁ ହେବ। ୫ କେଜିଆ ପ୍ୟାକେଟ୍ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମ ପଞ୍ଚାୟତ ସ୍ତରରେ ଉପଲବ୍ଧ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତ କୃଷକ ଭାଇ ଓ ଭଉଣୀଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇଥିଲେ। କହିଥିଲେ ଯେ, ଓଡ଼ିଶାର ଅର୍ଥନୀତି, ସଂସ୍କୃତି ଓ ସମୃଦ୍ଧିର ମୂଳ ଆଧାର ହେଉଛି କୃଷି। ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରି ନୂଆ କୃଷି ବର୍ଷର ଶୁଭାରମ୍ଭ କରୁଥିବାରୁ ଏହା ଓଡ଼ିଶାର ଗୌରବମୟ ପରମ୍ପରା ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ନୂଆ ସରକାର କ୍ଷମତାକୁ ଆସିବା ପରେ କେବଳ ୨୨ ମାସ ମଧ୍ୟରେ ରାଜ୍ୟର କୃଷି ଅଭିବୃଦ୍ଧି ହାର ୫.୩ ପ୍ରତିଶତକୁ ପହଞ୍ଚିଛି, ଯାହା ଜାତୀୟ ହାରଠାରୁ ଅଧିକ। ଚଳିତ ବର୍ଷ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ସେ ଏହି ସଫଳତା ପାଇଁ ରାଜ୍ୟର ପ୍ରତ୍ୟେକ କୃଷକଙ୍କୁ ଅଭିନନ୍ଦନ ଜଣାଇଥିଲେ। ୨୦୨୫-୨୬ ଖରିଫ ଋତୁରେ ୧୮ ଲକ୍ଷ ୫୫ ହଜାର ୬୬୧ ଜଣ ଚାଷୀଙ୍କ ଠାରୁ ୭୬.୪୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଏଥିପାଇଁ ୫,୫୮୯ କୋଟି ୯୮ ଲକ୍ଷ ଟଙ୍କା ଇନ୍‌ପୁଟ ସହାୟତା ଦିଆଯାଇଛି। କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ କୃଷକ ପରିବାରର ପିଲାମାନଙ୍କୁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ସହାୟତା ଦିଆଯାଉଛି। ସମୃଦ୍ଧ ଓଡ଼ିଶା ଗଢ଼ିବାରେ କୃଷକମାନେ ହିଁ ପ୍ରକୃତ ସାରଥୀ। ରାଜ୍ୟ ସରକାର ସର୍ବଦା କୃଷକଙ୍କ ସହିତ ରହିବ ଏବଂ ଆଗାମୀ ଦିନରେ କୃଷିକୁ ଅଧିକ ଲାଭଜନକ, ଆଧୁନିକ ଓ ସଶକ୍ତ କରାଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ। କେନ୍ଦ୍ର ସରକାରଙ୍କ କୃଷି ଭିତ୍ତିଭୂମି ପାଣ୍ଠି ମାଧ୍ୟମରେ ରାଜ୍ୟରେ ଶୀତଳ ଭଣ୍ଡାର ଓ ଗୋଦାମ ଘର ନିର୍ମାଣ କାର୍ଯ୍ୟ ଗତି ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗତ ବର୍ଷ ଅକ୍ଟୋବରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ପି.ଏମ ଧନ-ଧାନ୍ୟ କୃଷି ଯୋଜନା'ରେ ଓଡ଼ିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଓ ନୂଆପଡ଼ା ଭଳି ଚାରିଟି ଆଦିବାସୀ ଜିଲ୍ଲା ସ୍ଥାନ ପାଇଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

### ଜେଇଇ ମେନ୍ ୨୦୨୬ ସେସନ୍ ୨ ଫଳାଫଳ

## ଭବେଶ ପାତ୍ର ଓଡ଼ିଶା ଟପ୍ପର



ନୂଆଦିଲ୍ଲୀ,୨୦।୪: ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ଜେଇଇ ମେନ୍ ୨୦୨୬ ସେସନ୍ ୨ ଫଳାଫଳ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି। ଆଜି ଘୋଷିତ ଫଳାଫଳ ଅନୁଯାୟୀ, ଭବେଶ ପାତ୍ର ଓଡ଼ିଶାରେ ଜେଇଇ ମେନ୍ ୨୦୨୬ ସେସନ୍ ୨ରେ ଟପ୍ପର ହୋଇଛନ୍ତି। ଜେଇଇ ମେନ୍ ସେସନ୍ ୨ରେ ଶ୍ରୀ ପାତ୍ର ସର୍ବଭାରତୀୟ ରାଙ୍କ ୧୩ ତମ ସ୍ଥାନ ହାସଲ କରିଛନ୍ତି। ମୋଟ ୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ୧୦୦ ପ୍ରତିଶତ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାର ପାଞ୍ଚ ଜଣ ଛାତ୍ର ଅଛନ୍ତି। ଏହି ବର୍ଷ, ଜେଇଇ ମେନ୍ ୨୦୨୬ ର ସେସନ୍ ୨ ପାଇଁ ପ୍ରାୟ ୧୧.୨୩ ଲକ୍ଷ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ।

## ମେ ୨ ସୁଦ୍ଧା ଜଳ ତଥ୍ୟ ଦାଖଲ କର

ଭୁବନେଶ୍ୱର,୨୦।୪: ମହାନଦୀ ଜଳ ବିବାଦ ସମାଧାନ ଉପରେ ଅଗ୍ରଗତି ଘଟିଛି। ସୋମବାର ଟ୍ରିବ୍ୟୁନାଲ ମାମଲାର ଶୁଣାଣି ବେଳେ ଜଳ ବିବାଦର ସମାଧାନ ପାଇଁ ଉଭୟ ଛତିଶଗଡ଼ ଓ ଓଡ଼ିଶାକୁ ଜଳ ତଥ୍ୟ ମାଗିଛନ୍ତି। ମାମଲାର ଶୁଣାଣି କରି ମୌସୁମୀ ଓ ଅଣ ମୌସୁମୀ ସମୟର ଜଳ ପ୍ରବାହ ସମୟର ସଂପୂର୍ଣ୍ଣ ତଥ୍ୟ ମାଗିଛନ୍ତି ଟ୍ରିବ୍ୟୁନାଲ। ଛତିଶଗଡ଼ ଓ ଓଡ଼ିଶା ସରକାରଙ୍କୁ ମେ ୨ ତାରିଖ ସୁଦ୍ଧା ଜଳ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଜି ରାଉରକେଲା ଆସୁଛନ୍ତି ରାଷ୍ଟ୍ରପତି



ରାଉରକେଲା,୨୦।୪ (ନିପ୍ର): ମଙ୍ଗଳବାର ଦିନିକିଆ ରାଉରକେଲା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ବିମାନବନ୍ଦର ଅଂଚଳ, ଟ୍ରାଇବାଲ ମ୍ୟୁଜିୟମ, ସର୍କିଟ ହାଉସ ସମେତ ରାଷ୍ଟ୍ରପତିଙ୍କ ଗସ୍ତ ଥିବା ଅଞ୍ଚଳକୁ ନୋ ଡ୍ରୋନ ଜୋନ ବା ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଇଛି । ସେସବୁ ଅଞ୍ଚଳରେ ଡ୍ରୋନ ବା ବିମାନ ଉଡାଣ କରିପାରିବ ନାହିଁ । ଏହି କଟକଣା ଆଗାମୀ ୨୨ ତାରିଖ ସକାଳ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଠାରେ ସୂଚନାଯୋଗ୍ୟ, ଏହି ଗସ୍ତ କାଳରେ ରାଷ୍ଟ୍ରପତି ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଭର୍ଚୁଆଲି କରିବା ସହିତ କେତେକ ସ୍ଥାନକୁ ସେ ନିଜେ ଯିବେ ଏବଂ ସେକ୍ଟର ୧୩ ପଡିଆରେ ନିଜ ଅଭିଭାଷଣ ରଖିବେ।

## ଓମାନ ସାଗର ଏବେ ରଣକ୍ଷେତ୍ର

ନୂଆଦିଲ୍ଲୀ,୨୦।୪: ଆମେରିକୀୟ ସେନା ଏକ ଇରାନୀ ବାଣିଜ୍ୟିକ ଜାହାଜ ଉପରେ ଗୁଳି ଚଳାଇ ଜବତ କରିବା ପରେ ଇରାନ ଓମାନ ସାଗରରେ ଆମେରିକୀୟ ଯୁଦ୍ଧଜାହାଜକୁ ନିଶାଣ କରି ଡ୍ରୋନ୍ ଆକ୍ରମଣ କରିଥିଲା। ଇରାନୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇରାନୀ ଆକ୍ରମଣ ଆମେରିକାର କାର୍ଯ୍ୟାନୁଷ୍ଠାନର ଜବାବରେ କରାଯାଇଥିଲା। କିନ୍ତୁ ସେମାନେ ଆକ୍ରମଣର ପରିମାଣ, ବ୍ୟବହୃତ ଡ୍ରୋନ୍ ସଂଖ୍ୟା କିମ୍ବା ଏହି ଅଞ୍ଚଳରେ ଆମେରିକୀୟ ସାମରିକ ସମ୍ପତ୍ତିର କୌଣସି ଗୁରୁତ୍ୱପୂର୍ଣ୍ଣ କ୍ଷତି ହୋଇଛି କି ନାହିଁ ସେ ବିଷୟରେ ସୂଚନା ପ୍ରଦାନ କରି ନ ଥିଲେ। ଆମେରିକୀୟ ନୌସେନା କହିଛି ଯେ ଇରାନର ବନ୍ଦର ଆବାସ ବନ୍ଦର ଅଭିମୁଖେ ଯାତ୍ରା କରୁଥିବା ସମୟରେ ଏହା ମାଲବାହୀ ଜାହାଜ ଉପରେ ଗୁଳି ଚଳାଇଥିଲା। ସର୍ବଶେଷ ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ତୌସ୍କା ନାମରେ ଚିହ୍ନଟ ହୋଇଥିବା ଜାହାଜଟି ହର୍ମୁଜ୍ ପ୍ରଣାଳୀ ନିକଟରେ ଇରାନର ବନ୍ଦର ସୁବିଧାଗୁଡ଼ିକର ଆମେରିକୀୟ ନୌସେନା ଅବରୋଧକୁ ଉଲ୍ଲଂଘନ କରିଥିଲା, ଯାହା କାରଣରୁ ଆମେରିକା ଏହାକୁ ସମ୍ପୂର୍ଣ୍ଣ ହେପାଜତକୁ ନେଇଛି। ଟ୍ରମ୍ପ ଆହୁରି କହିଛନ୍ତି ଯେ ଚେତାବନୀକୁ ଅଣଦେଖା କରିବା ପରେ ଆମେରିକୀୟ ମାରିନ୍ ଜାହାଜରେ ଚଢ଼ିଥିଲେ। ଇରାନର ସାମରିକ



କମାଣ୍ଡ, ଖାତାମ୍ ଅଲ୍-ଆମ୍ବିୟା, ଆମେରିକାକୁ ଯୁଦ୍ଧବିରତି ଉଲ୍ଲଂଘନ କରିବାର ଅଭିଯୋଗ ଆଣି ଏହାକୁ 'ସଶସ୍ତ୍ର ସାମୁଦ୍ରିକ ଡକାୟତି' ବୋଲି କହିଥିଲେ। ଜଣେ ଇରାନୀ ଅଧିକାରୀ ଏହା ମଧ୍ୟ କହିଛନ୍ତି ଯେ ଆମେରିକା ଜାହାଜକୁ ବଳପୂର୍ବକ ଭିତରକୁ ନେବା ପୂର୍ବରୁ ମିଛ କହି ଏହାର ନାଭିଗେସନ୍ ସିଷ୍ଟମକୁ ଅକ୍ଷମ କରିଦେଇଥିଲା।

## ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ସନ୍ଦେହଜନକ ମୃତ୍ୟୁ

ଚିଲିକା,୨୦।୪: ଚିଲିକା ସ୍ଥିତ ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ପୁଣିଥରେ ଚର୍ଚ୍ଚାରେ। ଗତ ପ୍ରାୟ ୨ ମାସ ପୂର୍ବରୁ ଅଗ୍ନିବୀର ପ୍ରଶିକ୍ଷାର୍ଥୀ ବିକାଶ କୁମାରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା ନେଇ ଅନେକ ପ୍ରଶ୍ନ ଉଠିଛି। ମୃତକ ହେଉଛନ୍ତି ବିହାରର ଭୋଜପୁର ଜିଲ୍ଲାର। ହଠାତ୍ ତାଙ୍କର ଅସ୍ୱାଭାବିକ ମୃତ୍ୟୁରେ ପରିବାରବର୍ଗ ଭାଙ୍ଗି ପଡିଛନ୍ତି । ଗତ ୧୮ ତାରିଖ ରାତିରେ ପ୍ରଶିକ୍ଷଣ କେନ୍ଦ୍ରର ଜିମ୍ ଭିତରେ ବେକରେ ରଶି ଲଗାଇ ତାଙ୍କ ମୃତଦେହ ମିଳିଥିବା କୁହାଯାଉଛି। ନୌସେନା ପକ୍ଷରୁ ଏହାକୁ ଆତ୍ମହତ୍ୟା ଭାବେ ଦେଖାଯାଉଥିବାବେଳେ, ପରିବାର ଏହାକୁ ସଂପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି। "ମୋ ପୁଅ ଏଭଳି କରିପାରିବ ନାହିଁ, ତାକୁ ମାରି ଦିଆଯାଇଛି," ବୋଲି ଦୃଢ଼ ସ୍ୱରରେ କହିଛନ୍ତି ବିକାଶଙ୍କ ବାପା ପିଣ୍ଟୁ ସାଏ। ସେ ବାଲୁଗାଁ ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୮ ତାରିଖରେ ମେରଟର କାର୍ତ୍ତିକ ଯାଦବଙ୍କ ମୃତ୍ୟୁ ମଧ୍ୟ ଏଭଳି ସନ୍ଦେହ ଜନ୍ମାଇଥିଲା।

## ଖାଇକୁ ଖସିଲା ବସ୍, ୨୧ ମୃତ

ଜମ୍ମୁ-କାଶ୍ମୀର,୨୦।୪: ରାମନଗରର କାଗୋର୍ଟ୍ ଗାଁରେ ସୋମବାର ସକାଳେ ଏକ ବସ୍ ସଡ଼କରୁ ଖସି ଖାଇରେ ପଡ଼ିଯିବାରୁ ଅତି କମ୍‌ରେ ୨୧ ଯାତ୍ରୀଙ୍କର ଜୀବନ ଯାଇଛି। ଏଥିରେ ୨୯ ଜଣ ଆହତ ହୋଇଛନ୍ତି। ଘଟଣା ପରେ ପୋଲିସ, ଉଦ୍ଧାର ଦଳ ଓ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଧମପୁର-ରିଆସି ରେଞ୍ଜର ଡିଆଇଜି ଶିବ କୁମାର ଶର୍ମା କହିଛନ୍ତିଯେ ଘଟଣାସ୍ଥଳରେ ଗୋଟିଏ ବହୁତ ତୀକ୍ଷ୍ଣ ମୋଡ଼ ରହିଛି। ସମ୍ଭବତଃ ଚାଳକ ସେହି ମୋଡ଼ରେ ନିୟନ୍ତ୍ରଣ ହରାଇଥିଲେ। ଗାଡିଟି ଗୋଟିଏ ମୋଡ ସହ ଧକ୍କା ଖାଇ ଖାଇରେ ପଡ଼ିଯାଇଥିଲା। ଗାଡିରେ ଅଧିକ ଯାତ୍ରୀ ଥିବା ସମ୍ପର୍କରେ ସେ କହିଛନ୍ତି ଯେ ଏହା ତଦନ୍ତର ବିଷୟ। ସେ କହିଛନ୍ତି ଯେ ପୋଲିସ, ଏସଡିଆରଏଫ ଓ ଜିଲ୍ଲା ପ୍ରଶାସନର ଦଳ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ଏବଂ ଉଦ୍ଧାର ସାଙ୍ଗକୁ ସହାୟତା କାର୍ଯ୍ୟ ଚାଲିଛି। ଆହତମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଜିଏମସି ଉଧମପୁରକୁ ନିଆଯାଇଛି। ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ମଧ ଗଭୀର ଶୋକ ପ୍ରକାଶ କରିକହିଛନ୍ତି ଯେ ସରକାର ଏହି ଦୁଃଖଦ ସମୟରେ ପୀଡ଼ିତ ଓ ସେମାନଙ୍କ ପରିବାର ସହ ଦୃଢ଼ଭାବେ ରହିଛନ୍ତି ଏବଂ ସେମାନଙ୍କୁ ସମ୍ଭବ ସମସ୍ତ ସହାୟତା ପ୍ରଦାନ କରାଯାଉଛି।



## ଟିଟିଲାଗଡ଼ ତତଲାଗଡ଼, ପାରଦ ୪୨.୫ ଡିଗ୍ରୀ

### ଅଂଶୁଘାତରେ ୨ ମୃତ!

ଭୁବନେଶ୍ୱର,୨୦।୪: ସୋମବାର ଓଡ଼ିଶାରେ ତାପମାତ୍ରା ପରିପ୍ରେକ୍ଷୀରେ ଟିଟିଲାଗଡ ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଉଭା ହୋଇଥିଲା।ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୨.୫ ଡିଗ୍ରୀ ଓ ଝାରସୁଗୁଡ଼ାରେ ୪୨.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ତାଳଚେର ୪୨.୦, ଅନୁଗୁଳ ୪୧.୮, ବୌଦ୍ଧ ୪୦.୮, ସୁନ୍ଦରଗଡ଼ ୪୦.୮, ସୋନପୁର ୪୦.୩, ସମ୍ବଲପୁର ଏବଂ ରାଉରକେଲା ପ୍ରତ୍ୟେକ ୪୦.୨ ଏବଂ ପାରଳାଖେମୁଣ୍ଡି ୪୦.୬ ଡିଗ୍ରୀ ସେଲସିୟସ୍ ରହିଥିଲା। ପାରାଦୀପରେ ୩୧.୭ ଡିଗ୍ରୀ ସେଲସିୟସ୍ ଏବଂ ଗୋପାଳପୁରରେ ୩୨.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛ। ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୫.୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ପ୍ରକାଶ। ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଚିନ୍ତା ବଢ଼ାଇଛି ଅଂଶୁଘାତଜନିତ ମୃତ୍ୟୁ । କଟକ ଜିଲ୍ଲା ନରସିଂହପୁରରେ ସନ୍ତୋଷ ରାଉତ ଓ ସୋନପୁରରେ ବଂଶୀଧର ଭୋଇ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଇଛି ।

# ଭୋଟର ତାଲିକାରୁ କଟିଛି ୯.୮ ଲକ୍ଷ ନାମ

## ଯଦି ଭୁଲରେ ନାଁ କଟିଥିବ, ପୁଣି ତାଲିକାରେ ଯୋଡ଼ାଯିବ

ଭୁବନେଶ୍ୱର,୨୦।୪: ରାଜ୍ୟ ସରକାରଙ୍କ ଗୃହ (ନିର୍ବାଚନ) ବିଭାଗ ଦ୍ୱାରା ଭୋଟର ତାଲିକାରୁ ବ୍ୟାପକ ନାଁ କଟିଛି । ଇଲେକ୍ଟର ମ୍ୟାପିଂ ପ୍ରକ୍ରିୟା ଆରମ୍ଭ ପରଠାରୁ ପ୍ରାୟ ୯.୮ ଲକ୍ଷ ନାଁ କଟିଯାଇଛି । କିନ୍ତୁ ଏଥିରେ କିଛି ତ୍ରୁଟି ନେଇ ଅଭିଯୋଗ ମିଳିଛି । ଅନେକ ମାମଲାରେ ଜୀବିତ ଓ ସ୍ଥାନୀୟ ଭୋଟରଙ୍କ ନାଁ କଟାଯାଇଥିବା ସହିତ ବିଏଲଓ ତୃଣମୂଳ ସ୍ତରରେ ଯାଞ୍ଚ କରିନଥିବା ଅଭିଯୋଗ ହୋଇଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ୨ ଏପ୍ରିଲ ପରେ ଆସିଥିବା ପ୍ରାୟ ୨ ଲକ୍ଷ ଫର୍ମ ଓ ଫର୍ମ -୭ ଆବେଦନକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି । ତେବେ ଏହାକୁ ସ୍ୱାଭାବିକ ପ୍ରକ୍ରିୟା ବୋଲି କହିଛନ୍ତି, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ରାଜ୍ୟର ସମସ୍ତ ନିର୍ବାଚନ ପଂଜୀକରଣ ଅଧିକାରୀ ମାନଙ୍କୁ ଚିଠି ଲେଖିଛନ୍ତି। ଚିଠି ଅନୁସାରେ, ମୃତ ଭୋଟରଙ୍କ ନାମ ପୂର୍ଣ୍ଣ ଯାଞ୍ଚ ପରେ ହିଁ କାଟିବେ। ଏନେଇ ପରିବାର ବାର୍ଗ କିମ୍ବା ନିକଟ ସମ୍ପର୍କୀୟ ଫର୍ମ - ୭ରେ ଆବେଦନ କରିବାକୁ ହେବ । ଯଦି ନାଁ କଟାଯାଇଛି, ତେବେ ଭୋଟରଙ୍କ ଠିକଣାରେ ସୂଚନା ଦେବାକୁ ହେବ । ସନ୍ଦେହଜନକ ନକଲ କିମ୍ବା ତଥ୍ୟରେ ତ୍ରୁଟି ଥିଲେ ନୋଟିସ ଜାରି କରି ଯାଞ୍ଚ କରିବା ଆବଶ୍ୟକ। ଯେତିକି ଫର୍ମ-୭ ଆବେଦନ ଆସୁଛି, ସେଥିରୁ ଅତିକମ୍‌ରେ ୫୦ ପ୍ରତିଶତ ମାମଲାରେ ଉପସ୍ଥିତ ରହି ଯାଞ୍ଚ କରିବା ବାଧ । ତଥା, ଭୋଟରଙ୍କ ଅଭିଯୋଗଗୁଡ଼ିକୁ ୧୯୫୦ କଲ୍ ସେଣ୍ଟର, ଇମେଲ କିମ୍ବା ଅନ୍ୟ ମାଧ୍ୟମରେ ଆସୁଥିବା ସମସ୍ତ ମାମଲାକୁ ଗୁରୁତ୍ୱ ସହ କ୍ଷେତ୍ରସ୍ତରରେ ଯାଞ୍ଚ କରିବାକୁ କୁହାଯାଇଛି । ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ସମ୍ବନ୍ଧିତ ଅଧିକାରୀମାନେ ଅତି କମ୍‌ରେ ୫୦ ପ୍ରତିଶତ ମାମଲା ଯାଞ୍ଚ ହୋଇଥିବା ସନ୍ଦର୍ଭରେ ସାର୍ଟିଫିକେଟ ଦେବା ପରେ ପୁଣି ଅନଲାଇନ ପ୍ରକ୍ରିୟା ଆରମ୍ଭ ହେବ । ରାଜ୍ୟରେ ୯.୮ ଲକ୍ଷ ଭୋଟର କଟିବା ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ. ଗୋପାଳନ । ସେ କହିଛନ୍ତି ଯେ, ଗୃହ ବିଭାଗର ଚିଠି ଏକ ନିୟମିତ ପ୍ରକ୍ରିୟା, କେବଳ ଯାଞ୍ଚ ପାଇଁ କୁହାଯାଇଛି । ସାଧାରଣତଃ ଓଡ଼ିଶାରେ ୭ରୁ ୯ ଲକ୍ଷ ଭୋଟରଙ୍କ ନାଁ କଟିଥାଏ । ଏଥରଟିକେ ଅଧିକ କଟିଛି, ତେଣୁ ଯାଞ୍ଚ ପାଇଁ କୁହାଯାଇଛି । ଯଦି ଭୁଲରେ ନାଁ କଟିଥିବ, ପୁଣି ତାଲିକାରେ ଯୋଡ଼ାଯିବ । ତେବେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବହୁ କମ୍ କଟିଛି ବୋଲି ସେ କହିଛନ୍ତି । ବିଏଲଓମାନେ ଅନୁକମ୍ପାମୂଳକ ଅର୍ଥ ପାଇଁ ଏହି କାମ କରୁନାହାନ୍ତି ବରଂ ଦେଶ ସେବା ଭଳି କାମ ସେମାନେ କରୁଛନ୍ତି। ପ୍ରତ୍ୟେକ ଘରକୁ ଘର ଯାଇ ଆମେ ତଥ୍ୟ ସଂଗ୍ରହ କରୁଛୁ । ବହୁତ ଲୋକଙ୍କର ମୃତ୍ୟୁ ହୋଇଯାଇଛି । କିଛି ଜଣ ଗାଁ ଛାଡିକି ସହରରେ ରହୁଛନ୍ତି । କିନ୍ତୁ ଗାଁ'ରେ ଭୋଟର ତାଲିକା ରହିଛି । ବହୁତ ଲୋକଙ୍କର ସହର ଓ ଗାଁ, ଉଭୟ ସ୍ଥାନରେ ନାଁ ରହିଛି । ତେଣୁ ଏହି ସବୁ ସ୍ଥାନରେ ଫର୍ମ ୭ ପୂରଣ କରିବାକୁ ପଡିବ ।



CMYK



ଆଦି ଶଙ୍କରାଚାର୍ଯ୍ୟ ସନାତନ ଧର୍ମର ରକ୍ଷା ନିମନ୍ତେ ଭାରତର ଚାରି ଦିଗରେ ଚାରୋଟି ମଠ ସ୍ଥାପନ କରିଥିଲେ ଏବଂ ଏହି ମଠର ମଠାଧୀଶଙ୍କୁ ଶଙ୍କରାଚାର୍ଯ୍ୟ ଉପାଧିରେ ଭୂଷିତ କରିବା ସହିତ ମଠର ଦାୟିତ୍ୱ ଦେଇଥିଲେ । ମଠ ପ୍ରତିଷ୍ଠା ପରେ ତାଙ୍କର ଚାରି ପ୍ରମୁଖ ଶିଷ୍ୟଙ୍କୁ ସେ ଶଙ୍କରାଚାର୍ଯ୍ୟ ଭାବରେ ପ୍ରତିଷ୍ଠିତ କରିଥିଲେ । ଶଙ୍କରାଚାର୍ଯ୍ୟ ପଦବୀରେ ଥିବା ସନ୍ଥଙ୍କର ମୁଖ୍ୟ କାମ ଥିଲା ଅଦୈତ ବେଦାନ୍ତର ପ୍ରଚାର କରିବ ଏବଂ ସନାତନ ଧର୍ମର ରକ୍ଷା ନିମନ୍ତେ ଆବଶ୍ୟକ ପନ୍ଥାମାନ ଗ୍ରହଣ କରିଥିବା । ଦକ୍ଷିଣ ଭାରତର ଅନ୍ୟ ଏକ ମଠ କାଞ୍ଚି କାମକୋଟି ପୀଠର ଇତିହାସ ଆଦି ଶଙ୍କରାଚାର୍ଯ୍ୟଙ୍କ ସହିତ ଜଡ଼ିଥିଲେ ଥିଲେ ମଧ୍ୟ ଏହାର ମୁଖ୍ୟଙ୍କୁ 'ଶଙ୍କରାଚାର୍ଯ୍ୟ' ପରିବର୍ତ୍ତେ 'ଆଚାର୍ଯ୍ୟ' କିମ୍ବା 'ଜଗଦଗୁରୁ' କୁହାଯାଏ ।

**ଶଙ୍କରାଚାର୍ଯ୍ୟ ହେଉଛି ଏକ ଧାର୍ମିକ ପଦବୀ ଯେଉଁଥିରେ ସନାତନ ଧର୍ମର ରକ୍ଷା ନିମନ୍ତେ ଆଦିଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଚାରି ମଠର ମଠାଧୀଶମାନେ ଜଣାଯାଆନ୍ତି । ଅଦୈତ ବେଦାନ୍ତର ସଂସ୍ଥାପକ ଆଦି ଶଙ୍କରାଙ୍କଠାରୁ ଏହି ପଦବୀଟି ଆସିଛି ।**

ଦାକ୍ଷିଣାତ୍ୟ ଅନ୍ତର୍ଗତ କେରଳ ଦେଶର ଚିଦମ୍ବର ବା କାଖଲ ଗ୍ରାମ ଏହାଙ୍କ ଜନ୍ମସ୍ଥାନ ୭୮୮ ଖ୍ରୀଷ୍ଟାବ୍ଦରେ ସେ ଭୂମିଷ୍ଠ ହୋଇଥିଲେ ଏବଂ ୮୨୦ ଖ୍ରୀଷ୍ଟାବ୍ଦରେ ୩୨ ବର୍ଷ ବୟସରେ କେଦାରନାଥ ନିକଟରେ ପ୍ରାଣ ତ୍ୟାଗ କରିଥିଲେ । ତାଙ୍କ ପିତାଙ୍କ ନାମ ଶିବଗୁରୁ ଓ ମାତାଙ୍କ ନାମ ସୁଭଦ୍ରା ଥିଲା । ବାଲ୍ୟକାଳରେ ୩ ବର୍ଷ ବୟସରେ ପିତାଙ୍କୁ ହରାଇ ମାତାଙ୍କ ଲାଳନ ପାଳନରେ ବଢ଼ିଥିଲେ । ୬ ବର୍ଷ ବୟସରେ ପଣ୍ଡିତ ହୋଇଥିଲେ ଓ ୮ ବର୍ଷ ବୟସରେ ସନ୍ନ୍ୟାସ ଗ୍ରହଣ କଲେ । ୧୨ ବର୍ଷ ବୟସରେ ମାତାଙ୍କୁ ଛାଡ଼ି ଭାରତର ନାନା ସ୍ଥାନରେ ଭ୍ରମଣ କରିଥିଲେ ଏବଂ ଭ୍ରମଣ ଶେଷରେ ପୁନର୍ବାର ଗୃହକୁ ଫେରି ଆସି ରୁଗ୍ଣା ମାତାଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । କିଛିଦିନ ପରେ ମାତାଙ୍କର ଦେହାନ୍ତ ହେବାରୁ ସେ ଗୃହତ୍ୟାଗ କରି ପୁଣି ଧର୍ମପ୍ରଚାରାର୍ଥେ ଭାରତ ଭ୍ରମଣରେ ବହିର୍ଗତ ହୋଇଥିଲେ । ସେ ସମୟରେ ଭାରତରେ ବ୍ରହ୍ମଣ୍ୟ ଧର୍ମର ଅଧୋଗତି ଘଟିଥିଲା ଏବଂ ବୌଦ୍ଧ ଧର୍ମ ଆଦୃତ ହୋଇଥିଲା । ସେ ଅଦ୍ୱୈତ ବ୍ରାହ୍ମଣ୍ୟ ଧର୍ମର ପୁନଃସଂସ୍ଥାପନ କରିଥିଲେ ଏବଂ ଭାରତରେ ସ୍ଥାନେ ସ୍ଥାନେ ଶିବ ମନ୍ଦିର ଓ ମଠମାନ ସ୍ଥାପନ କରି ସେ ସ୍ଥାନମାନଙ୍କୁ ହିନ୍ଦୁଧର୍ମର ତଥା ହିନ୍ଦୁ ଶାସ୍ତ୍ରାଲୋଚନାର କେନ୍ଦ୍ରରେ ପରିଣତ କରିଥିଲେ । ଭାରତର ଚାରି ଦିଗରେ ଏହାଙ୍କ ପ୍ରତିଷ୍ଠିତ ଚାରି ଗୋଟି ମଠ ଆଜି ପର୍ଯ୍ୟନ୍ତ ଶିଷ୍ୟମାନଙ୍କଦ୍ୱାରା ମଠଧାରୀମାନଙ୍କଦ୍ୱାରା ପରିଚିତ ହୋଇ ଆସୁଅଛି । ପଶ୍ଚିମରେ ଦ୍ୱାରକାସ୍ଥିତ ଶାରଦା ମଠରେ ପୀଠାଧିକାରୀଙ୍କ ନାମ ହସ୍ତାମଳକାଚାର୍ଯ୍ୟ ଦଶନାମୀ ସନ୍ୟାସୀ ମାନଙ୍କ ମଧ୍ୟରୁ ତୀର୍ଥ ଓ ଆଶ୍ରମ ନାମଧାରୀ ସନ୍ୟାସୀ ମାନଙ୍କ ବାସ ନିମିତ୍ତ ଏହି ମଠ । ଉତ୍ତରରେ ବଦରିକା ଯୋଶୀ ମଠ ବା ଜ୍ୟୋତିଃ ମଠରେ ପୀଠାଧିକାରୀଙ୍କ ନାମ କ୍ରୋଟକାଚାର୍ଯ୍ୟ ଗିରି, ପର୍ବତ ଓ ସାଗର ନାମଧାରୀ ସନ୍ନ୍ୟାସୀ ମାନଙ୍କ ବାସ ନିମିତ୍ତ ଏହି ମଠଟିର ନାମ ପଦ୍ମପାଦାଚାର୍ଯ୍ୟେ ବନ ଓ ଅରଣ୍ୟ ନାମଧାରୀ ସନ୍ନ୍ୟାସୀ ମାନଙ୍କ ବାସ ନିମିତ୍ତ ଏହି ମଠ ଦକ୍ଷିଣର କର୍ଣ୍ଣାଟକରେ ଶୃଙ୍ଗେରୀ (ଋଶ୍ୟଶୃଙ୍ଗାଶ୍ରମ) ମଠରେ ପୀଠାଧିକାରୀଙ୍କ ନାମ ମଣ୍ଡନମିଶ୍ର ବା ସୁରେଶ୍ୱରାଚାର୍ଯ୍ୟ, ପୁରୀ ଭାରତୀ ଓ ସରସ୍ୱତୀ ନାମଧାରୀ ସନ୍ନ୍ୟାସୀମାନଙ୍କ ରହିବା ପାଇଁ ।

# ମାତା କୈକେୟୀ







କୈକେୟୀ, ହିନ୍ଦୁ ମହାକାବ୍ୟ ରାମାୟଣରେ କେକେୟ ରାଜକୁମାରୀ ଏବଂ କୋଶଳର ରାଣୀ। କୈକେୟୀ ହେଉଛନ୍ତି ରାଜା ଦଶରଥଙ୍କ ତୃତୀୟ ଏବଂ ପ୍ରିୟ ପତ୍ନୀ, ଯିଏ କୋଶଳକୁ ଏହାର ରାଜଧାନୀ ଅଯୋଧ୍ୟାରୁ ଶାସନ କରିଥିଲେ। ସେ ଭରତଙ୍କ ମାତା। ଦଶରଥଙ୍କ ତିନି ପତ୍ନୀଙ୍କ ମଧ୍ୟରୁ, କୈକେୟୀ ସବୁଠାରୁ ଅଧିକ ପ୍ରଭାବ ପକାଇଥାନ୍ତି। ପୂର୍ବରୁ କେକେୟର ରାଜକୁମାରୀ, ସେ ଯୁଦ୍ଧ ସମୟରେ ତାଙ୍କ ସ୍ୱାମୀଙ୍କ ପାଇଁ ଜଣେ ଦକ୍ଷ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ ବୋଲି ବର୍ଣ୍ଣନା କରାଯାଇଛି। ପ୍ରାରମ୍ଭରେ ତାଙ୍କ ସାବତପୁତ୍ର ରାଜକୁମାର ରାମଙ୍କ ପ୍ରତି ପ୍ରେମ ଏବଂ ମାତୃଭାବରେ, କୈକେୟୀଙ୍କ ମନ ତାଙ୍କ ଦାସୀ ମନ୍ଥରା ଦ୍ୱାରା ବିଷାକ୍ତ ହୋଇଯାଏ। ତାଙ୍କ ପ୍ରଭାବରେ, ରାମଙ୍କୁ ଚଉଦ ବର୍ଷ ପାଇଁ ବନବାସ ପଠାଯାଏ।

## ଜନ୍ମ ଏବଂ ପ୍ରାରମ୍ଭିକ ଜୀବନ:

କୈକେୟୀଙ୍କ ଜନ୍ମ ତାଙ୍କ ମାତାଙ୍କ ନିର୍ବାସନର କିଛି ସମୟ ପୂର୍ବରୁ କେକେୟର ରାଜା ଅଶ୍ୱପତିଙ୍କ ଘରେ ହୋଇଥିଲା। ତାଙ୍କର ଏକମାତ୍ର ମାତୃତ୍ୱ ତାଙ୍କର କୁଞ୍ଚିତ ଧାତ୍ରୀ, ମନ୍ଥରା ସହିତ ହୋଇଥିଲା। ତାଙ୍କର ଯମଜ ଯୁଦ୍ଧାଜିତଙ୍କ ସମେତ ସାତ ଭାଇଙ୍କ ସହିତ ସେ ପାଳିତ ହୋଇଥିଲେ।

## ଦଶରଥଙ୍କ ଦ୍ୱାରା ବରଦାନ:

ଦେବ ଏବଂ ଅସୁରଙ୍କ ମଧ୍ୟରେ ଏକ ଯୁଦ୍ଧରେ, ଦଶରଥ କୈକେୟୀଙ୍କ ସହିତ ଦେବଲୋକକୁ ଯାତ୍ରା କରିଥିଲେ, ଯାହାଦ୍ୱାରା ଇନ୍ଦ୍ର ଅସୁରଙ୍କ ବିରୁଦ୍ଧରେ ଯୁଦ୍ଧ କରିପାରିବେ। ଶମ୍ବର ଏବଂ ତାଙ୍କ ଅସୁର ସୈନ୍ୟବାହିନୀ ଦ୍ୱାରା ନିଯୁକ୍ତ ଯାଦୁବିଦ୍ୟା ଯୋଗୁଁ ଦେବମାନେ ଅସୁବିଧାରେ ପଡ଼ିଥିଲେ। ରଥରେ ଚଢ଼ି ଦଶରଥ ଏକ ସମୟରେ ଦଶ ଦିଗରେ ଅସୁରଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ଏହି ଯୁଦ୍ଧରେ, ତାଙ୍କ ରଥକୁ ଦ୍ରୁତ ଗତିରେ ପ୍ରତ୍ୟେକ ଦିଗକୁ ବୁଲାଇବାକୁ ପଡିଥିଲା। ଯୁଦ୍ଧ ସମୟରେ, ଗୋଟିଏ ଚକର ବୋଲ୍ଟ ଖସିଗଲା, ଏବଂ ଚକଟି ଅଲଗା ହେବାକୁ ଯାଉଥିଲା ଯେତେବେଳେ କୈକେୟୀ ବୋଲ୍ଟର ଗାତରେ ତାଙ୍କର ବୁଢ଼ା ଆଙ୍ଗୁଠି ପୂରାଇ ରଥକୁ ସ୍ଥିର ରଖିଲେ। ରାଜା ଏହା ଜାଣିବା ପରେ, ସେ ଖୁସି ହୋଇ ତାଙ୍କୁ ଦୁଇଟି ବରଦାନ ଦେଲେ। ରାଣୀ କହିଲେ ଯେ ସେ ଭବିଷ୍ୟତରେ ସେହି ଦୁଇଟି ବର ମାଗିବେ, କାରଣ ସେ ସେତେବେଳେ ଏବଂ ସେଠାରେ କିଛି ଚାହୁଁ ନଥିଲେ।

## ମନ୍ଥରାଙ୍କ ପ୍ରଭାବ ଏବଂ ରାମଙ୍କ ନିର୍ବାସନ:

ପ୍ରାଚୀନ ପରମ୍ପରା ଅନୁଯାୟୀ, ଦଶରଥ, ରାଜ ସଭାର ଅନୁମୋଦନ ସହିତ, ରାମଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବରେ ମନୋନୀତ କରିଥିଲେ। କୈକେୟୀ ରାଜ୍ୟାଭିଷେକ ସମୟରେ ଯଦି ତାଙ୍କ ନିଜ ପୁଅ ହୋଇଥାନ୍ତେ ତେବେ ସେ ବହୁତ ଖୁସି ହୋଇଥାନ୍ତେ। କିନ୍ତୁ, କୈକେୟୀଙ୍କ ଧାତ୍ରୀ ମନ୍ଥରା ଭୟ କରୁଥିଲେ ଯେ ଯଦି ରାମ ସିଂହାସନ ଆରୋହଣ କରନ୍ତି ତେବେ କୈକେୟୀ ରାଜଦରବାରରେ ମୁଖ୍ୟ ରାଣୀ ଭାବରେ ତାଙ୍କର ପଦବୀ ହରାଇବେ, କାରଣ କୌଶଲ୍ୟା ଏହିପରି ରାଣୀମା ହୋଇଯାଆନ୍ତି, ସେ ସମସ୍ୟା ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ। ସେ କୈକେୟୀଙ୍କୁ ମନେ ପକାଇ ଦେଇ କୈକେୟୀଙ୍କ ଈର୍ଷା ଏବଂ କୌଶଲ୍ୟାଙ୍କ ପ୍ରତି ଈର୍ଷାକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ପୁତ୍ରର ରାଜ୍ୟାଭିଷେକ କୌଶଲ୍ୟାଙ୍କୁ ଦଶରଥଙ୍କ ରାଣୀମାନଙ୍କ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ତାଙ୍କର ପୂର୍ବ ପଦବୀ ଦେବ ଏବଂ ଭାରତକୁ ସବୁଦିନ ପାଇଁ ଉତ୍ତରାଧିକାରୀ ସୀମାରୁ କାଟିଦେବ। କିନ୍ତୁ ସେତେବେଳେ କୈକେୟୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନଥିଲା। ପରେ ମନ୍ଥରା ଦଶରଥଙ୍କ ଦ୍ୱାରା ବର୍ଷ ବର୍ଷ ପୂର୍ବରୁ ତାଙ୍କୁ ଦିଆଯାଇଥିବା ଦୁଇଟି ବର ଦାବି କରିବାକୁ କୈକେୟୀଙ୍କୁ ରାଜି କରାଇଲେ। ରାଜା ଦଶରଥ ସେଗୁଡ଼ିକୁ ପୂରଣ କରିବାକୁ ବାଧ୍ୟ ହୋଇଥିଲେ। କୈକେୟୀ ଦାବି କରିଥିଲେ ଯେ ଭରତଙ୍କୁ ରାଜା ଅଭିଷିକ୍ତ କରାଯାଉ ଏବଂ ରାମଙ୍କୁ ଚଉଦ ବର୍ଷ ପାଇଁ ବନକୁ ପଠାଯାଉ।





# ଚନ୍ଦନ ଯାତ୍ରା

**ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ପର୍ବ । ଏହା ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା)ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ (ସ୍ନାନପୂର୍ଣ୍ଣିମାର ପୂର୍ବଦିନ) ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ (ଜ୍ୟୈଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ) ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ ।**

## ପୁରାଣ ମତ:



ପୌରାଣିକ ମତେ ସତ୍ୟ ଯୁଗରେ ନୃସିଂହ ଦେବ ଏହି ଯାତ୍ରାର ଆୟୋଜନ କରିଥିଲେ । ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଅଜ୍ଞାତବାସ ପରେ ବିରାଟ ରାଜାଙ୍କ ନିକଟରେ ନିଜର ପ୍ରକୃତ ପରିଚୟ ପ୍ରଦାନ କରିଥିଲେ । ବିରାଟ ରାଜା ଶ୍ରୀକୃଷ୍ଣ ଓ ବଳରାମଙ୍କୁ ରାମକୃଷ୍ଣେ ରୂପରେ ପଞ୍ଚୁପାଣ୍ଡବଙ୍କ ସହିତ ଦର୍ଶନ କରିବା ପାଇଁ ଇଚ୍ଛା ପ୍ରକାଶ କରିବାରୁ ଭଗବାନ ଶ୍ରୀକୃଷ୍ଣ ତାଙ୍କର ଇଚ୍ଛାପୂରଣ ପାଇଁ ସମ୍ମତ ହୋଇଥିଲେ । ଏହା ପରେ ଏକ ବିରାଟ ଜଳାଶୟ ସୃଷ୍ଟି କରାଯାଇ ଜଳ କେଳି ମଣ୍ଡପ ନିର୍ମାଣ କରାଯାଇଥିଲା । ଉପଲବ୍ୟ ଓ ବିଭାସ୍ତୁ ନଗରୀରେ ଏହି ଉତ୍ସବ ସମ୍ପନ୍ନ ହୋଇଥିଲା । ସମ୍ଭବତଃ ଏହି କାରଣରୁ ମଦନମୋହନ, ରାମକୃଷ୍ଣଙ୍କ ସହ ପଞ୍ଚୁପାଣ୍ଡବ ଜଳକ୍ରୀଡ଼ା ପାଇଁ ସରୋବରକୁ ଯାତ୍ରା କରିଥାନ୍ତି ।

| | |
|---|---|
| ୧. | ଅକ୍ଷୟ ତୃତୀୟା: ନଟବର ବେଶ (ତ୍ରିଭଙ୍ଗ ନୃତ୍ୟରତ ଶ୍ରୀକୃଷ୍ଣ) |
| ୨. | ବୈଶାଖ ଶୁକ୍ଳ ଚତୁର୍ଥୀ: ହରିଜନ୍ମ ବେଶ (ବସୁଦେବଙ୍କଦ୍ୱାରା ନଦୀପାରି ବେଶ) |
| ୩. | ବୈଶାଖ ଶୁକ୍ଳ ପଞ୍ଚମୀ: ରାଜାଧିରାଜ ବେଶ (ଦ୍ୱାରକାଧୀଶ) |
| ୪. | ବୈଶାଖ ଶୁକ୍ଳ ଷଷ୍ଠୀ: ଖଟଦୋଳି ବେଶ (କୁଞ୍ଜରେ ଦୋଳିଖେଳ) |
| ୫. | ବୈଶାଖ ଶୁକ୍ଳ ସପ୍ତମୀ: ଗୋମତୀ କୃଷ୍ଣ ବେଶ (ବ୍ରହ୍ମଗୋପାଳ ବେଶ) |
| ୬. | ବୈଶାଖ ଶୁକ୍ଳ ଅଷ୍ଟମୀ: ବତ୍ସାଚାରଣ (ଗୋଚାରଣ ଗୋପାଳ) |
| ୭. | ବୈଶାଖ ଶୁକ୍ଳ ନବମୀ: ବତ୍ସାହରଣ ବେଶ (ବ୍ରହ୍ମ ବିମୋହନ ଲୀଳା) |
| ୮. | ବୈଶାଖ ଶୁକ୍ଳ ଦଶମୀ: ଅଘାସୁର ବଧ ବେଶ (କୃଷ୍ଣଙ୍କଦ୍ୱାରା ଅଘାସୁର ବଧ) |
| ୯. | ବୈଶାଖ ଶୁକ୍ଳ ଏକାଦଶୀ: ଚକ୍ର ନାରାୟଣ ବେଶ (ଚକ୍ରଧାରୀ କୃଷ୍ଣ) |
| ୧୦. | ବୈଶାଖ ଶୁକ୍ଳ ଦ୍ୱାଦଶୀ: ନାବକେଳି ବେଶ (ଯମୁନା କେଳି) |
| ୧୧. | ବୈଶାଖ ଶୁକ୍ଳ ତ୍ରୟୋଦଶୀ: ରାହାସମଣ୍ଡଳି ବେଶ (ରାସ କ୍ରୀଡା) |
| ୧୨. | ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ: ନୃସିଂହ ବେଶ |
| ୧୩. | ବୈଶାଖ ପୂର୍ଣ୍ଣିମା: କନ୍ଦର୍ପ ରଥ ବେଶ (ଗୋପାଙ୍ଗନାଙ୍କଦ୍ୱାରା ରଥାକୃତି ପରିବେଷ୍ଟିତ କୃଷ୍ଣ) |
| ୧୪. | ଜ୍ୟେଷ୍ଠ କୃଷ୍ଣ ପ୍ରତିପଦା: ଷଡ଼ଭୂଜ ଗୌରାଙ୍ଗ ବେଶ (କଳିଯୁଗ ପ୍ରେମାବତାର) |
| ୧୫. | ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା: ରଘୁନାଥ ବେଶ (କାଣ୍ଡ କୋଦଣ୍ଡଧାରୀ ଶ୍ରୀରାମ) |
| ୧୬. | ଜ୍ୟେଷ୍ଠ କୃଷ୍ଣ ତୃତୀୟା: ଗିରିପୂଜା ବେଶ (ଗୋବର୍ଦ୍ଧନ ପୂଜା ) |
| ୧୭. | ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ: ଗିରିଟେକା ବେଶ (ଗୋବର୍ଦ୍ଧନ ଧାରୀ) |
| ୧୮. | ଜ୍ୟେଷ୍ଠ କୃଷ୍ଣ ପଞ୍ଚମୀ: ବସ୍ତ୍ରହରଣ ବେଶ (କେଳି କଦମ୍ବ ତରୁରେ ଆରୂଢ଼ କୃଷ୍ଣଙ୍କ କର୍ତ୍ତୃକ ସ୍ନାନରତା ଗୋପୀମାନଙ୍କ ବସ୍ତ୍ରହରଣ ଲୀଳା) |
| ୧୯. | ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ: ଚିନ୍ତାମଣୀ କୃଷ୍ଣ ବେଶ/ ମଦନ ମୋହନ ବେଶ (ମୁରଲୀଧର) |
| ୨୦. | ଜ୍ୟେଷ୍ଠ କୃଷ୍ଣ ସପ୍ତମୀ: ଗଜ ଉଦ୍ଧାରଣ ବେଶ (ଗଜକୁ କୁମ୍ଭୀର କବଳରୁ ରକ୍ଷା କରିବା) |
| ୨୧. | ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ: କୁଞ୍ଜବିହାରୀ ବେଶ (ନିକୁଞ୍ଜରେ ଦୋଳି ଖେଳା) |

## ବାହାର ଚନ୍ଦନଯାତ୍ରା:

ଦକ୍ଷିଣଘରୁ (ଅଣସର ଘରର ଦକ୍ଷିଣରେ ଥିବା ବେହରଣ ଦ୍ୱାର ମୁହଁରେ ଥିବା ଘର) ଅଷ୍ଟଧାତୁ ନିର୍ମିତ ତିନୋଟି ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ, ରାମ (ବଳରାମ) ଓ ରତ୍ନସିଂହାସନ ଉପରୁ ଦୁଇଟି ଚଳନ୍ତି ପ୍ରତିମା ଲକ୍ଷ୍ମୀଙ୍କର ସୁବର୍ଣ୍ଣ ପ୍ରତିମା ଓ ସରସ୍ୱତୀଙ୍କର ରୌପ୍ୟ ପ୍ରତିମା ବାହାର ଚନ୍ଦନରେ ଭାଗ ନିଅନ୍ତି । ଚନ୍ଦନ ଯାତ୍ରା ପଟୁଆରରେ ସମୁଦାୟ ଦଶଗୋଟି ଚଳନ୍ତି ପ୍ରତିମା ବିମାନ ଓ ପାଲିଙ୍କିରେ ବିଜେ କରିଥାନ୍ତି । ସବୁଠୁ ସୁଦୃଶ୍ୟ ବିମାନରେ ବିଜେ କରିଥାନ୍ତି ମଦନମୋହନ, ଶ୍ରୀଦେବୀ (ବା ଲକ୍ଷ୍ମୀ) ଓ ଭୂଦେବୀ (ବା ସରସ୍ୱତୀ, ବିଶ୍ୱଧାତ୍ରୀ) । ବିମାନ ପଛ ପାଲିଙ୍କିଟିରେ ବଳରାମ ଓ କୃଷ୍ଣ ଆରୋହଣ କରିଥାନ୍ତି ପୁଣି ଅନ୍ୟ ପାଞ୍ଚଗୋଟି ବିମାନରେ ପଞ୍ଚୁପାଣ୍ଡବ ରୂପେ ପରିଚିତ ପଞ୍ଚ ମହାଦେବ ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀଜମ୍ବେଶ୍ୱର ଓ ଶ୍ରୀକପାଳମୋଚନ ବିଜେ କରିଥାନ୍ତି । ନରେନ୍ଦ୍ର ପୁଷ୍କରିଣୀ କୂଳରେ ଏକ ଛାମୁଣ୍ଡିଆ ତିଆରି ହୋଇଥାଏ । ସେହି ଛାମୁଣ୍ଡିଆ ତଳେ ଦଶଟି ଯାକ ଚଳନ୍ତି ପ୍ରତିମାଙ୍କୁ ଅବସ୍ଥାପିତ କରାଯାଇ ରୁପା ପିଙ୍ଗଣରେ ଥିବା ସୁବାଷିତ ଜଳରେ ପଦଧୌତ କରାଯାଏ । ଯୋଡ଼ିଏ ଲେଖାଁଏ ନୌକା ଯୁକ୍ତ ହୋଇ ଦୁଇ ଗୋଟି ଚାପ ପ୍ରସ୍ତୁତ ହୋଇ ଥାଏ । ଚାପ ଗୁଡ଼ିକୁ ଜରିକାମ ହୋଇଥିବା ମଣ୍ଡଣିଦ୍ୱାରା ସୁଶୋଭିତ କରାଯାଇଥାଏ । ଗୋଟିଏ ଚାପରେ ଥିବା ରୁପା କାରୁକାର୍ଯ୍ୟ ସମ୍ପନ୍ନ ସିଂହାସନରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ବଳରାମ ଓ କୃଷ୍ଣ ଉପବେଶନ କରନ୍ତି । ଅନ୍ୟ ଚାପଟିରେ ବସନ୍ତି ପଞ୍ଚୁପାଣ୍ଡବ ରୂପେ ପରିଚିତ ମହାଦେବମାନେ । ପ୍ରତିମାମାନଙ୍କ ସହ ଚାପଦ୍ୱୟରେ ପୂଜାପଣ୍ଡା, ସିଂହାରୀ, ଗରାବଡୁ, ସୁଆରବଡୁ, ପତ୍ରୀବଡୁ, ହଡ଼ପ, ଖୁଣ୍ଟିଆ ପ୍ରଭୃତି ସେବକ ରହିଥାଆନ୍ତି । ଚାପ ଦ୍ୱୟ ନରେନ୍ଦ୍ର ଜଳରେ ଘେରାଏ ଘେରାଏ ବୁଲି ଆସନ୍ତି ।



ଫଟୋ-ବିଜୟ ପଟ୍ଟନାୟକ, ପୁରୀ

# କରଣ୍ଡି ଠାକୁରାଣୀଙ୍କ ଭବ୍ୟ ମନ୍ଦିର



ନବରଙ୍ଗପୁର(ନିପ୍ର):ଡାବୁଗାଁ ନିର୍ବାଚନ ମଣ୍ଡଳୀ ଅଧିନ ପାପଡାହାଣ୍ଡି ବ୍ଲକର କେରଣ୍ଡି ଗ୍ରାମରେ ପ୍ରତିଷ୍ଠା ହେଲା ମାଁ ଠାକୁରାଣୀଙ୍କ ଭବ୍ୟ ମନ୍ଦିର। ଆଜି ମାଁ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ପାଇଁ ବ୍ରହ୍ମଯଜ୍ଞ ଏବଂ କଳସ ଯାତ୍ରା ଅନୁଷ୍ଠିତ ହେଲା। ଭୋର ସକାଳୁ ଗ୍ରାମର ମା ଭଉଣୀମାନେ କଳସରେ ପାଣି ଆଣିବା ପରେ ବିଧିବଦ୍ଧ ଭାବେ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହେଲା ଏବଂ ସମ୍ପୂର୍ଣ୍ଣ ହିନ୍ଦୁ ଧର୍ମର ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ଆରମ୍ଭ ହେବା ସହ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହେଲା। ଲାଠି, କୁରଚି, ସିରା ସମେତ ଗ୍ରାମର ସମସ୍ତ ଜନ ସାଧାରଣ ଆଜି ଏହି ଅବସରରେ ମନ୍ଦିର ପ୍ରତିଷ୍ଠା ସ୍ଥାନରେ ଏକତ୍ରିତ ହୋଇଥିଲେ। ଏହି ପ୍ରତିଷ୍ଠା ଉତ୍ସବ ପାଇଁ ଗ୍ରାମରେ ଗତକାଲି ଠାରୁ ଗହଳି ଚହଳି ଲାଗି ରହୁଛି ଏବଂ ଆସନ୍ତା କାଲି ଚୈତ୍ର ଯାତ୍ରା ଅନୁଷ୍ଠିତ ହେବା ପରେ ବିଧିବଦ୍ଧ ଭାବେ ସଂମ୍ପନ୍ନ ହେବ। ଆଖ ପାଖ ୧୦ ଖଣ୍ଡ ଗ୍ରାମରୁ ହଜାର ହଜାର ଭକ୍ତ ଆଜି କେରାଣ୍ଡି ଗ୍ରାମରେ ଏକତ୍ରିତ ହୋଇଥିଲେ।

# ଶୁଣିବାକୁ ମିଳୁନି ହଳିଆ ଗୀତ: ଚାଷ ଜମିରେ ଖାଲି ଟ୍ରାକ୍ଟରର ଧୂଆଁ



ଆସିକା(ନିପ୍ର): ଦିନ ଥିଲା ଲୋକେ ଚାଷ କରି ଯାହା କିଛି ଉପାର୍ଜନ କରୁଥିଲେ ସେଥିରେ ବର୍ଷ ତମାମ ହସଖୁସିରେ ପରିବାର ପ୍ରତିପୋଷଣ କରି ଆସୁଥିଲେ। ଆଧୁନିକ ଯୁଗରେ ଲୋକେ ଚାଷ କାମ ଠାରୁ ପ୍ରାୟତଃ ଦୂରେଇ ଯିବାକୁ ବସିଲେଣି। ଯେଉଁ କିଛି ଲୋକେ ଚାଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି, ସେମାନଙ୍କ ଚାଷ କରିବା ପ୍ରଣାଳୀ ମଧ୍ୟ ବଦଳିବାକୁ ବସିଲାଣି। ଯୁଗ ବଦଳିବା ସହ ସମୟ ସହ ତାଳ ଦେଇ ଲୋକେ ଆଧୁନିକ ପ୍ରଣାଳୀରେ ଚାଷ କରି କମ ଶାରୀରିକ ପରିଶ୍ରମ କରିବା ସହ ଖୁବ କମ ସମୟରେ କମ ଚାଷ ଜମିରୁ ଅଧିକ ଶସ୍ୟ ଅମଳ କରୁଥିବା ଦେଖିବାକୁ ମିଳିଛି। ଆସିକା ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ଖରିଫ ଓ ରବି ଋତୁରେ ଧାନଚାଷ କରିଥାନ୍ତି। ଯୁଗ ବଦଳିବା ସହ ଚାଷ କାର୍ଯ୍ୟର ଗୁରୁତ୍ୱ କମିବାରେ ଲାଗିଛି। ଏପରିକି ଚାଷୀମାନେ ପୂର୍ବଭଳି ଚାଷ ନକରି ଆଧୁନିକ ପ୍ରଣାଳୀରେ ଚାଷ କାମ କରିବାକୁ ଉଚିତ ମଣୁଛନ୍ତି। ପୂର୍ବକାଳରେ ଲୋକମାନେ ଚାଷ କରିବା ପାଇଁ ସାଧାରଣତଃ ହଳ, ଲଙ୍ଗଳ ବ୍ୟବହାର କରୁଥିଲେ। ହେଲେ ଆଧୁନିକ ଯୁଗରେ ହଳ, ଲଙ୍ଗଳ ଜିଲ୍ଲାରେ ବୁଲୁନଥିବା ଦେଖିବାକୁ ମିଳୁଛି। ଚାଷୀ ବର୍ତ୍ତମାନ ଟ୍ରାକ୍ଟର ଓ ପାୱାରଟିଲର ସହାୟତାରେ ଚାଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ପୂର୍ବେ ମାସ ମାସ ଦିନ ଧରି ଚାଷ କାର୍ଯ୍ୟ ଚାଲୁ ରହିଥିବା ବେଳେ ବର୍ତ୍ତମାନ ଆଧୁନିକ ପ୍ରଣାଳୀରେ ଖୁବ କମ ସମୟ ମଧ୍ୟରେ ଚାଷୀ ତାର ଚାଷ କାର୍ଯ୍ୟ ଶେଷ କରୁଥିବା ଜଣାପଡ଼ିଛି। ପୂର୍ବରୁ ପ୍ରତ୍ୟେକ ଚାଷୀ ପରିବାରରେ ଚାଷ କାର୍ଯ୍ୟ ପାଇଁ ଗୋରୁ, ବଳଦ ପାଳନ କରି ଆସୁଥିଲେ। ବିଲରେ ହଳ କରିବା ପାଇଁ କୁସୁମ, ଫାଶୀ, ବାବୁଲ, ଗୁହାରିଆ ଭଳି ବିଭିନ୍ନ କାଠରେ ନିର୍ମିତ ଲଙ୍ଗଳ, ଟାମଣା, ଇଶ ଓ ଅନ୍ୟାନ ଚାଷ ଉପକରଣ ରଖୁଥିଲେ। ହଳବଳଦ ପରିବର୍ତ୍ତେ ଟ୍ରାକ୍ଟର ଯୋଗେ ଚାଷକାମ କିଛି ଧନୀକ ଶ୍ରେଣୀର ଚାଷୀମାନେ ଗାଈଗୋରୁ, ବଳଦର ଯତ୍ନ ନେବା ପାଇଁ ଓ ଚାଷ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବା ପାଇଁ ହଳିଆ ରଖୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କୁ ବାର୍ଷିକ ଚୁକ୍ତି ଅନୁଯାୟୀ ପାରିଶ୍ରମିକ ବାବଦରେ ଅମଳ ଶସ୍ୟ ପ୍ରଦାନ କରାଯାଉଥିଲା। ପ୍ରତିବର୍ଷ ବର୍ଷରତୁ ଆରମ୍ଭରୁ ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ହିଞ୍ଜିଳିକାଟୁ ପ୍ରସିଦ୍ଧ ସାପ୍ତାହିକ ଶନିବାର ଗୋରୁ ହାଟକୁ ଆସି ଗାଈଗୋରୁ, ବଳଦ, ପୋଢ ଆଦି କିଣାବିକା କରୁଥିଲେ। ପହିଲି ବର୍ଷା ପରେ ଚାଷୀ ମନ ଆନନ୍ଦରେ ଭରି ଯାଉଥିଲା। ଦେବସ୍ନାନ ପୂର୍ଣ୍ଣମା ଦିନ ଚାଷୀ ବିଲରେ ପୂଜାର୍ଚ୍ଚନା କରିବା ପରେ ଚାଷ କାମକୁ ଆଗେଇ ନେଉଥିଲା। ଧାନ ରୁଆ ଓ ବିଲରେ ହଳ, ଲଙ୍ଗଳ ଚାଲୁଥିବା ସମୟରେ ମହିଳାମାନେ ହୁଳହୁଳି ଦେଉଥିବା ବେଳେ ଚଷା ପୁଅ ହଳିଆ ଗୀତ ଗାଇ ମନ ଆନନ୍ଦରେ ଚାଷ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳୁଥିଲା। ଖରା ବର୍ଷାକୁ ଖାତିର ନକରି ମହା ଆନନ୍ଦରେ ଚାଷ କାର୍ଯ୍ୟ କରି ଯାହା କିଛି ଅମଳ କରୁଥିଲା ସେଥିରେ ବର୍ଷ ତମାମ ପରିବାର ପ୍ରତିପୋଷଣ କରି ଆସୁଥିଲା। ହେଲେ ସମୟ ବଦଳିଯାଇଛି। ଚାଷୀ ପୁଅ ହଳ ଲଙ୍ଗଳ ଧରି ବିଲକୁ ଯାଉନାହିଁ କି ମହିଳାମାନେ ହୁଳହୁଳି ଦେଉନାହାନ୍ତି। ଟ୍ରାକ୍ଟର ସହାୟତାରେ ଚାଷ କାମ କରାଯାଉଛି। ଧାନ ରୁଆ ଠାରୁ ଆରମ୍ଭ କରି ଧାନକଟା ପର୍ଯ୍ୟନ୍ତ ସମସ୍ତ ଚାଷ କାମ ଆଧୁନିକ ଯନ୍ତ୍ରପାତି ସହାୟତାରେ କରାଯାଉଛି। ସହରାଞ୍ଚଳ ତ ଦୂରର କଥା ବର୍ତ୍ତମାନ ହିଞ୍ଜିଳିକାଟୁ ନିକଟବର୍ତ୍ତୀ ଗ୍ରାମାଞ୍ଚଳ ଗୁଡ଼ିକରେ ମଧ୍ୟ ହଳ ଲଙ୍ଗଳ କିମ୍ବା ହଳ କରାଯାଉନଥିବା ଦେଖିବାକୁ ମିଳିଛି। ଏପରିକି ଦିନକୁ ଦିନ ପଶୁ ସମ୍ପଦ ମଧ୍ୟ ଲୋପ ପାଇବାକୁ ବସିଲାଣି।

# ଜିଲ୍ଲାସ୍ତରୀୟ ଶ୍ରୀଜୟଦେବ ଜୟନ୍ତୀ

ଭଦ୍ରକ(ନିପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ କବି ଶ୍ରୀଜୟଦେବ ଜୟନ୍ତୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ସହ ବେଦପାଠ କରାଯାଇ ଗୀତଗୋବିନ୍ଦ ରଚୟିତା କବି ଜୟଦେବଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥ ସାଂସ୍କୃତିକ କଳାକାର ସଂଘ, ଭଦ୍ରକ ପକ୍ଷରୁ ଗୀତଗୋବିନ୍ଦ ଗାୟନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଶ୍ରୋତାଙ୍କୁ କବି ଜୟଦେବଙ୍କ ଜୀବନୀ ଓ ସାହିତ୍ୟ ସାଧନା ଉପରେ ମତବ୍ୟକ୍ତ କରିବାର ସୁଯୋଗ ମିଳିଥିଲା। ମୁଖ୍ୟବକ୍ତା ଭାବେ ଉପସ୍ଥିତ ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଙ୍ଗ୍ରାମ ଆଚାର୍ଯ୍ୟ କବି ଜୟଦେବଙ୍କ ଆଧ୍ୟାତ୍ମିକ ଚେତନା ଓ ସାହିତ୍ୟିକ ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଦିଲୀପ ରାଉତରାୟ ବାଲ୍ମୀକି, ପରଶୁରାମ, ମା' ଗଙ୍ଗା ଏବଂ ପବିତ୍ର ଅକ୍ଷୟ ତୃତୀୟାର ମାହାତ୍ମ୍ୟ ସହ କବି ଜୟଦେବଙ୍କ ପ୍ରଭାବ ବିଷୟରେ ମତ ରଖିଥିଲେ। ସେ କହିଥିଲେ ଯେ, ଗୁରୁ ନାନକ ମଧ୍ୟ ଜୟଦେବଙ୍କ ସୃଷ୍ଟିଧାରାରେ ପ୍ରଭାବିତ ହୋଇଥିଲେ।

# ଯୁବ ବିଜେପି ନେତାଙ୍କ ବିଶାଳ ସଂକଳ୍ପ ବାଇକ ଶୋଭାଯାତ୍ରା



ବୋଲଗଡ଼,(ନିପ୍ର): ଭାରତୀୟ ଜନତା ପାର୍ଟି ରାଜ୍ୟ ଆଇ ଟି ସେଲ ଇନଚାର୍ଜ ତଥା ଯୁବ ବିଜେପି ନେତା ମାନସ ବେହେରାଙ୍କ ନେତୃତ୍ୱରେ ବେଗୁନିଆ ବ୍ଲକ ସୀମାନ୍ତ ସାରୁଅ ଠାରୁ ଆରମ୍ଭ ହୋଇ ବୋଲଗଡ଼ ବ୍ଲକ ସଦର ମୁଖ୍ୟାଳୟ ପର୍ଯ୍ୟନ୍ତ ବିଶାଳ ସଂକଳ୍ପ ବାଇକ ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଅଛି। ସୂଚନା ମୁତାବକ ରାଜ୍ୟରେ ଡବଲ ଇଞ୍ଜିନ ସରକାର ତଥା କେନ୍ଦ୍ରରେ ଜସ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଳିଷ୍ଠ ନେତୃତ୍ୱରେ ଓଡିଶା ରାଜ୍ୟ ସମୂହ ବିକାଶ ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ବେଗୁନିଆ- ବୋଲଗଡ଼ ନିର୍ବାଚନ ମଣ୍ଡଳୀରେ ବିକାଶର ରଥ ଯେପରି ସମସ୍ତ ଜନସାଧାରଣ ଓ ଗରିବ ,ଅସହାୟ,ଖଟିଖିଆ ଦିନ ମଜୁରିଆଙ୍କ ନିକଟରେ ବେଶ ଆଦୃତ ହୋଇ ପାରିବ,ଏବଂ ବିଚାର ଧାରା ସଠିକ ମାର୍ଗରେ ଯେପରି ରୂପାନ୍ତରିତ ହେବ ତାହା ମୂଳ ଲକ୍ଷ ଦ୍ରୁତ ବିକାଶ ମୋର ପ୍ରଥମ କର୍ତ୍ତବ୍ୟ ବୋଲି ଶ୍ରୀ ବେହେରା ବିରାଟ ସଂକଳ୍ପ ବାଇକ ଶୋଭାଯାତ୍ରାରେ ଯୁବ ବିଜେପି ନେତା ମାନସ କୁମାର ବେହେରା କର୍ମୀମାନଙ୍କୁ ସୂଚନା ଦେଇଥିଲେ।

# ବଲାଙ୍ଗିରରେ କୃଷକ ଦିବସ ଓ ଅକ୍ଷିମୁଠି ଅନୁକୂଳ

ବଲାଙ୍ଗିର(ନିପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା, କୃଷକ ଦିବସ ଓ 'ଅକ୍ଷିମୁଠି ଅନୁକୂଳ' ପର୍ବ ଲର୍କିପାଲି ସ୍ଥିତ ରାଜେନ୍ଦ୍ର ଏକ୍ସପେରିମେଣ୍ଟାଲ କୃଷି ଫାର୍ମରେ ଉତ୍ସାହମୟ ପରିବେଶରେ ପାଳିତ ହୋଇଥିଲା। ଅତିଥିମାନେ ଭ୍ରାମ୍ୟମାଣ 'ଆମ ବିହନ ରଥ' ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ପୌରୋହିତ୍ୟରେ, ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ଭୂମିପୂଜନ ଓ ପାରମ୍ପାରିକ ପୂଜାର୍ଚ୍ଚନା ପରେ କ୍ଷେତରେ 'ଅକ୍ଷିମୁଠି ଅନୁକୂଳ' କରିଥିଲେ। ସମ୍ମାନୀୟ ଅତିଥି ଭାବେ ମାନ୍ୟବର ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପାଳଜୀ ପାଣିଗ୍ରାହୀ, ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାପରିଷଦ ପ୍ରତିନିଧି ମାଧବ ସାଏ ଓ ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ, ଅତିଥିମାନେ ଉପସ୍ଥିତ ଚାଷୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ, ସେମାନଙ୍କୁ ଆହୁରି ଜାଗ୍ରତ ଓ ଉଦ୍ୟମୀ ହେବା ପାଇଁ ପରାମର୍ଶ ଦେଇଥିଲେ। କୃଷି ଓ କୃଷକ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ସେମାନେ ଗୁରୁତ୍ୱ ଦେଇଥିଲେ। କୃଷିଭିତ୍ତିକ ଉଦ୍ୟୋଗ ମାଧ୍ୟମରେ ଚାଷୀମାନେ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ।

# ଅଦିନିଆ ରଥ ଯାତ୍ରାକୁ ତୀବ୍ର ବିରୋଧ

ଭଦ୍ରକ(ନିପ୍ର): ଇସ୍କନ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ହେବାକୁଥିବା ଅଦିନିଆ ରଥ ଯାତ୍ରାକୁ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ପକ୍ଷରୁ ତିବ୍ର ବିରୋଧ କରାଯାଇଛି। ଇସ୍କନ ପକ୍ଷରୁ ଦର୍ଶାଯାଇ ଆସୁଅଛି ଯେ ଶାସ୍ତ୍ରିୟ ବିଧି ବିଧାନ ଅନୁସାରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଯେଉଁ ରଥଯାତ୍ରା ଆୟୋଜନ କରାଯାଉଛି ତାହା କେବଳ ଭାରତ ପକ୍ଷରେ ଲାଗୁ ହୋଇପାରେ କିନ୍ତୁ ବିଦେଶରେ ଏହା ଲାଗୁହେବା ଯଥାର୍ଥତା ନାହିଁ ବୋଲି ଦର୍ଶା ଯାଉଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ତେବେ ଏଠାରେ ପ୍ରଶ୍ନ ଉଠେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ତାର ଐତିର୍ହ୍ୟ ପରମ୍ପରା ଓ ଆର୍ବିଭାବ ଇତ୍ୟାଦି ସଂସ୍କାର କ'ଣ ବିଦେଶରୁ ଆସିଛି କି ? ଏସବୁ ଆଧାତ୍ମିକ ଚିନ୍ତା ଓ ଭାବନା ଆମ ଭାରତୀୟ ସଂସ୍କୃତିର ଦିଗ୍‌ଦର୍ଶକ ଭାବରେ ପରିଚିତ ବିଭିନ୍ନ ପୌରାଣିକ ଶାସ୍ତ୍ର ବିଶେଷକରି ସ୍କନ୍ଦ ପୁରାଣର ତଥା ପ୍ରଚାରକଗଣ ଆମ ଭାରତୀୟ ସଂସ୍କୃତି ଓ ବିଚାରଧାରାକୁ ସ୍ୱିକାର କରନ୍ତି ନାହିଁ। ଯଦି ଏହାକୁ ଅସ୍ୱୀକାର କରନ୍ତି ତାହେଲେ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ପରିବର୍ତ୍ତେ ଅନ୍ୟ କୌଣସି ବିଗ୍ରହଙ୍କ ଉଦ୍ଦେଶ୍ୟରେ ରଥ ନିର୍ମାଣ କରି ତାଙ୍କର ପର୍ବ ପାଳନ କରିବା ସମିଚୀନ ହୋଇପାରନ୍ତା। ଏ ସବୁ ଦୃଷ୍ଟିରୁ ଇସ୍କନ ସଂସ୍ଥାର ଏତାଦୃଶ କାର୍ଯ୍ୟକଳାପକୁ ତିବ୍ର ନିନ୍ଦା କରିବା ସଂଗେ ସଂଗେ ଏ ପ୍ରକାର ଅପସଂସ୍କୃତିକୁ ବିରୋଧ କରୁଅଛୁ। ଯେହେତୁ ଏହା ଆମ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଭକ୍ତାମାନଙ୍କୁ ଗଭୀର ଆଘାତ ପ୍ରଦାନ କରୁଛି।

# ବାଳିକା ଉଚ୍ଚ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ

ନିମାପଡ଼ା, (ନି.ପ୍ର.): ସ୍ଥାନୀୟ ଜ.ବ.ରା. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅଗ୍ନି ନିରାପତା ତାଲିମ ସହ ଜ୍ଞାନ କୌଶଳ ଆଦି ପ୍ରଦର୍ଶନ କରାଯାଇ ପ୍ରତ୍ୟେକ ଛାତ୍ରଛାତ୍ରୀ ସାହସର ସହ ନିଜକୁ ସୁରକ୍ଷିତ ରଖି ଅଗ୍ନି ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସୋମବାର ଦିନ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ନିମାପଡ଼ା ଅଗ୍ନିଶମ ସେବାକେନ୍ଦ୍ର ଅଧିକାରୀ ଓ କର୍ମଚାରୀମାନେ ବିଦ୍ୟାଳୟ ପରିସରରେ ଉପସ୍ଥିତ ରହି ରୋଷେଇ ଗ୍ୟାସ ସିଲିଣ୍ଡର ସୁରକ୍ଷିତ ସ୍ଥାନ, ଅଗ୍ନି ନିର୍ବାପକ ଯନ୍ତ୍ର ସଠିକ୍ ସ୍ଥାନ ନିରୂପଣ, ବିଦ୍ୟାଳୟର ନିରାପତା ସଂପର୍କରେ ସୂଚନା, ଆପଦକାଳୀନ ସମୟେ ଭୟଭୀତ ନ ହୋଇ ଅଗ୍ନିକାଣ୍ଡରେ ଫସିଥିବା ବ୍ୟକ୍ତି ବିଶେଷଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସଂପର୍କରେ ଡ଼େମୋ ଦେଖାଇ ଥିଲେ। ଶିକ୍ଷକ ବାବାଜି ପାତ୍ର, ଦୀପକ ରଥ, ଅସିତ ସାହୁଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଏନସିସି ଅଧିକାରୀ ନୀଳିମା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ସହିତ ସାହସିକତା ଦିଗରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।

# କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ ଉଚିତ ବଜାର ସୃଷ୍ଟି ପାଇଁ ପରାମର୍ଶ

ନିମାପଡ଼ା,(ନି.ପ୍ର.): ପୁରୀ ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ଦିବସ ସ୍ଥାନୀୟ ଓଳାଂଶ କୃଷି ଫାର୍ମ ପରିସରରେ ଅନୁଷ୍ଠିତ ହୋଇ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ବିହନ ଯୋଗାଣ ରଥକୁ କୃଷକଙ୍କ ସେବାରେ ଲୋକାର୍ପଣ କରାଯାଇଥିଲା। କୃଷକଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ଉଚିତ୍ ଦରରେ ବିକ୍ରୟ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମାର୍କେଟିଙ୍ଗ ବୋର୍ଡ଼ ଦ୍ୱାରା ଗଠିତ ବିଶେଷଜ୍ଞମାନଙ୍କୁ ନେଇ ବିଭିନ୍ନ ରାଜ୍ୟର ଦର ମ୍ୟାଚ୍ କରି ଆମ ରାଜ୍ୟ ପାଇଁ ବଜାର ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ କୃଷି ବଜେଟ୍‌ରେ କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ ୧୫ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ବାର୍ଷିକ ୧୫୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ସରିଛି। ରାଜ୍ୟର କୃଷି ଅଭିବୃଦ୍ଧି ହାର ୫.୩ ପ୍ରତିଶତ ଥିବା ବେଳେ ତାହା ଜାତୀୟ ହାର ଠାରୁ ଅଧିକ ବୋଲି ଉପ-ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଉଦ୍ୟାନ କୃଷି ଏବଂ ଅନ୍ୟାନ୍ୟ ପନିପରିବା ଚାଷରେ ଆମେ ସ୍ୱାବଲମ୍ବୀ ହୋଇଥିବା ବେଳେ ତାହା ବିଭିନ୍ନ ରାଜ୍ୟକୁ ରପ୍ତାନି ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ ସ୍ୱାଗତ ସୂଚନା ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ଶରତ ଚନ୍ଦ୍ର ବେହେରା, ଉଦ୍ୟାନ ବିଭାଗ ଉପ-ନିର୍ଦ୍ଦେଶକ ମଂଜୁଳା ତ୍ରିପାଠୀ, ଆତ୍ମା ସଭାପତି ଦିଲ୍ଲୀପ ପରିଡ଼ା, ମଣ୍ଡଳ ଉନ୍ନୟନ ଅଧିକାରୀ, କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ତହସିଲଦାର ମନୋଜ ପ୍ରଧାନ ପ୍ରମୁଖ ଯୋଗ ଦେଇ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ।

# ବିଲ କାନ୍ଦୁଛି ଫସଲ ପାଇଁ



ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ପୌର ମହାନଗର ନିଗମର ୱାର୍ଡ ନମ୍ବର ୬୭ ରେ ସୁନ୍ଦରପଦା ଗ୍ରାମ ଅବସ୍ଥିତ। ଅକ୍ଷୟ ତୃତୀୟା ଅବସରରେ ବିଭିନ୍ନ ସ୍ଥାନରେ କୃଷି କାର୍ଯ୍ୟ ବା ଅକ୍ଷିମୁଠି ଅନୁକୂଳ ହୋଇଥାଏ। କ୍ଷୋଭର ବିଷୟ ସୁନ୍ଦରପଦା ଅଞ୍ଚଳରେ ଏକର ଏକର କୃଷି କ୍ଷେତ୍ର ବର୍ଷ ବର୍ଷ ଧରି ପଡ଼ିଆ ହୋଇ ପଡ଼ି ରହିଛି। ଥରକୁ ଥର ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର କୃଷି ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୃଷି ବିଭାଗ ଏଥିପ୍ରତି କୌଣସି ପଦକ୍ଷେପ ନେଉନାହାନ୍ତି। ଯାହା ଦ୍ୱାରା କୃଷକ କୃଷି କାର୍ଯ୍ୟ ଠିକ୍ ଭାବରେ କରିପାରୁନାହାନ୍ତି। ସରକାରଙ୍କର ସବୁ ପ୍ରକାର ସୁବିଧା ଥାଇ ମଧ୍ୟ ଖୋଦ୍ ରାଜଧାନୀରେ ଏପରି ଅବ୍ୟବସ୍ଥା ଦୁଃଖଦାୟକ। ଏହାର ପ୍ରତିବାଦରେ ଆୟୋଜିତ ସଭାରେ ଅଶୋକ କୁମାର ମହାରଣା, ତାରା ଚରଣ ଆଚାର୍ଯ୍ୟ, ଉଲ୍ଲାସ ଚନ୍ଦ୍ର ମହାପାତ୍ର , ସତ୍ୟନାରାୟଣ ମିଶ୍ର, ବିପିନ ବିହାରୀ ରାଉତରାୟ, ଭଗବାନ ସାହୁ, ସନ୍ତୋଷ କୁମାର ପଣ୍ଡା, ହରିଶ୍ଚନ୍ଦ୍ର ରାଉତ, ଯୁଧିଷ୍ଠିର ତ୍ରିପାଠୀ ପ୍ରମୁଖ ଭାଗ ନେଇଥିଲେ।

# ନିଆଳିରେ ବୈଶାଖୀ ଉତ୍ସବ

ନିଆଳି (ନିପ୍ର): ସ୍ଥାନୀୟ ନରିଶୋ-ନିଆଳି ସ୍ଥିତ ପ୍ରାଚୀ ବିହାର ଠାରେ କଟକର 'ମହ୍ଲାର' ଅନୁଷ୍ଠାନ ଓ ନିଆଳୀର 'ବୃନ୍ଦାବନ ଆଶ୍ରମ' ପକ୍ଷରୁ ମିଳିତ ଆନୁକୂଲ୍ୟରେ ବୈଶାଖୀ ଉତ୍ସବ ୨୦୨୬ ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହ୍ଲାର ଅନୁଷ୍ଠାନର ସଂପାଦକ ଅନିଲ୍ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ସମାଜସେବୀ ପ୍ରାଚୀପ୍ରଜ୍ଞା ପରିଷଦର ଅଧକ୍ଷ ଅଶୋକ ଲେଙ୍କା,ଅବସରପ୍ରାପ୍ତ ବ୍ଲକ ଅଣୁନିରୀକ୍ଷକ ଅଶୋକ କୁମାର ରାୟ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ ମହାନ୍ତି,ଶିକ୍ଷାବିତ୍ ପାବନୀ ବସ୍ତିଆ,ମହ୍ଲାର ଅନୁଷ୍ଠାନର ସହ ସଂପାଦକ ନିରୂପମା ଆଚାର୍ଯ୍ୟ,ବଟ ସ୍ୱାଇଁ,ବିନୟ ଭୋଇ ପ୍ରମୁଖ ଯୋଗଦେଇ ବୈଶାଖୀ ଉତ୍ସବର ମହନୀୟତା ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିବା ବେଳେ ବୃନ୍ଦାବନ ଆଶ୍ରମର ସଂପାଦକ ସୁଦାମ ସାମଲ ବୈଶାଖୀ ଉତ୍ସବର ମହତ୍ୱ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ମହ୍ଲାର ଅନୁଷ୍ଠାନର ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଛାତ୍ରଜୀବନରେ ଶୃଙ୍ଖଳା ଆଗକୁ ବଢ଼ିବାର ବାଟ କଢାଏ'



ରାୟଗଡା,(ନି:ପ୍ର): ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ "ସୃଜନ-୨୦୨୬" ମହାସମାରୋହ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ରାୟଗଡା ବିଧାୟକ କାଡ୍ରାକା ଅପ୍ପାଲାସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ଼. ସରସ୍ୱତୀ ରାୟ, ପି.ଜି କାଉନ୍ସିଲ୍ ଚେୟାରମେନ ପି. ଅରୁଣ କୁମାର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଅଧକ୍ଷା ଡ଼. ସରସ୍ୱତୀ ରାୟ ତାଙ୍କ ଉଦ୍‌ବୋଧନରେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ଶିକ୍ଷା କେବଳ ପୁସ୍ତକଜ୍ଞାନରେ ସୀମିତ ନୁହେଁ ବରଂ ଏହା ଛାତ୍ରମାନଙ୍କର ନୀତି, ଆଚରଣ ଓ ସମାଜିକ ଦାୟିତ୍ୱ ଗଢ଼ି ତୋଳିବାରେ ମୂଳ ଭୂମିକା ନିର୍ବାହ କରିଥାଏ। ସେ ମହାବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ସୁବିଧା ବିଷୟରେ ଅବଗତ କରାଇଥିବା ସହିତ କିଛି ସମସ୍ୟା ଓ ପାରିପାର୍ଶିକ ଉନ୍ନତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶେଷକରି ପୁସ୍ତକାଳୟର ବିକାଶ ଓ ନୂତନ ପୁସ୍ତକ ସଂଗ୍ରହକୁ ସେ ଅତ୍ୟନ୍ତ ଆବଶ୍ୟକ ମନେ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଅପ୍ପାଲାସ୍ୱାମୀ ତାଙ୍କ ଭାଷଣରେ କହିଥିଲେ ଯେ ସେ ଏହି ମହାବିଦ୍ୟାଳୟର ପୂର୍ବତନ ଛାତ୍ର ଥିବାରୁ ଏହି ମହାବିଦ୍ୟାଳୟ ସହ ତାଙ୍କର ଗଭୀର ସମ୍ପର୍କ ରହିଛି। ସେ ମହାବିଦ୍ୟାଳୟର ସମସ୍ୟାଗୁଡିକୁ ସରକାରଙ୍କ ନଜରକୁ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ପାରିପାର୍ଶିକ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମ ଓ ମଞ୍ଚ ପରିଚାଳନା ଏନ.ସି.ସି. ଅଧିକାରୀ ଲେଫ୍ଟନାଣ୍ଟ ଉଦୟ ନାୟକଙ୍କ ଦ୍ୱାରା ସୁଚାରୁ ଭାବେ ସମ୍ପାଦିତ ହୋଇଥିଲା ଯାହା କାର୍ଯ୍ୟକ୍ରମକୁ ଆକର୍ଷଣୀୟ ଓ ସଫଳ କରିଥିଲା।

# ଉଚ୍ଚକାପାଟରେ ଅକ୍ଷୟ ତୃତୀୟା ଓ ଅଘରିଆ ଦିବସ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକର ଉଚ୍ଚକାପାଟ ଠାରେ ବାମଣ୍ଡା ୮୪ଘର ଅଘରିଆ ସମାଜ ପକ୍ଷରୁ ଅକ୍ଷୟ ତୃତୀୟା ଓ ଅଘରିଆ ଦିବସ ପାଳିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ଜମିରେ ହଳ କରି ମୁଠି ଅନୁକୂଳ କରାଯାଇଥିଲା। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗୋବିନ୍ଦପୁର ମଣ୍ଡଳ ସଭାପତି ଭିକାରୀ ଚରଣ ପଟେଲଙ୍କ ଅଧକ୍ଷତାରେ ହୋଇଥିବା କୃଷିଭିତ୍ତିକ କାର୍ଯ୍ୟକ୍ରମରେ ରାଜ୍ୟ କମିଟି ଉପସଭାପତି ନରେଶ ପଟେଲ, କୁସୁମୀ ମଣ୍ଡଳ ସଭାପତି ରବିନାରାୟଣ ପଟେଲ,ବାମଣ୍ଡା ଆଞ୍ଚଳିକ କମିଟି ସମ୍ପାଦକ ଅଶୋକ କୁମାର ପଟେଲ, ଓଡିଶା ପ୍ରାନ୍ତୀୟ ଯୁବ ସଭାପତି ପିତବାସ ପଟେଲ,ଟାଙ୍ଗରମୁଣ୍ଡା ଗୁଡ଼ି ସଭାପତି କିରଣ କୁମାର ନାୟକ,ଗଗନ ବିହାରି ଚୌଧୁରୀ,ସୁକାନ୍ତ କୁମାର ନାୟକ,ପ୍ରସନ୍ନ କୁମାର ଚୌଧୁରୀ, ଲିଙ୍ଗରାଜ ପଟେଲ ପ୍ରମୁଖ ଯୋଗଦେଇଥିଲେ।

# ଅଭିଭାବକ ସଚେତନ ହେଲେ ଶିକ୍ଷା ବ୍ୟବସ୍ଥା ସୁଧୁରି ଯିବ




ବଡ଼ସାହି(ନିପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ପ୍ରତାପପୁର ସ୍ଥିତ ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର (ଆବାସିକ)ର ଊନବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠାନର ଅଧକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ବିନୋଦ କୁମାର ପରିଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସଂପାଦକ ଯୋଗେନ୍ଦ୍ର ଦାଶ ଯୋଗଦାନ କରି ଆଜିର ଶିକ୍ଷା ବ୍ୟବସ୍ଥାରେ ଅଭିଭାବକ ମାନେ ସଚେତନ ହେଲେ ଶିକ୍ଷା ବ୍ୟବସ୍ଥା ସୁଧାରି ଯିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡକ୍ଟର କାଳୀପଦ ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ମୟୂରଭଞ୍ଜ ଓଷ୍ଟାର ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ, ଆଦରଣୀୟ ଅତିଥି ଭାବେ ବଡ଼ସାହି ବ୍ଲକ ଓଷ୍ଟା ପରିବାରର ଅଧକ୍ଷ ହରିଶ୍ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଓ ଆଦର୍ଶ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ଓ ପଲ୍ଲୀପ୍ରଭାର ସଂପାଦିକା ତଥା ବାଣୀପୀଠର ସଂଚାଳିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଯୋଗଦାନ କରି ଭାରତୀୟ ଶିକ୍ଷା ବ୍ୟବସ୍ଥାର ପ୍ରାଣବିନ୍ଦୁ ହେଉଛି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ଜାହ୍ନବୀ ରାଣୀ ଦଣ୍ଡପାଟ ବାଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଗୁରୁମା ସବିତା ରାଣୀ ଷଡଙ୍ଗୀଙ୍କ ଦ୍ୱାରା ଭାରତ ମାତା, ସ୍ୱାମୀ ବିବେକାନନ୍ଦ ଓ ଉତ୍କଳରତ୍ନ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ବିଧିବଦ୍ଧ ପୂଜା ଅର୍ଚ୍ଚନା କରାଯାଇଥିଲା। ପରେ ପରେ ଲକ୍ଷ୍ମୀପ୍ରିୟା ଗିରି , ଉର୍ମିଳା ନାୟକ, ବନ୍ଦନୀ ଗିରି, ପ୍ରିୟଙ୍କା ବିନ୍ଧାଣୀ, ଶୁଭଜିତ ଶୁଭଙ୍କର ରାଉତ ଓ ମିତା ମୁର୍ମୁଙ୍କ ଦ୍ୱାରା ମାତୃ ଓ ପିତୃ ପୂଜନ ତଥା ସର୍ମପଣ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା।

# ଅକ୍ଷିମୁଠି ଅନୁକୂଳ: ଚାଷୀଙ୍କୁ ମିଳିଲା 'ସିଏମ୍ କିଷାନ ସହାୟତା'



ଭଦ୍ରକ,(ନିପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭଦ୍ରକ ଜିଲ୍ଲାରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଛି। ରାଣୀତାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରି ମନ୍ତ୍ରୀ, ଜିଲ୍ଲାପାଳ ଓ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ବିଧିବଦ୍ଧ ପୂଜାର୍ଚ୍ଚନା କରି 'ଅକ୍ଷିମୁଠି ଅନୁକୂଳ' ମାଧ୍ୟମରେ ଚଳିତ ବର୍ଷର କୃଷି କାର୍ଯ୍ୟର ଶୁଭାରମ୍ଭ କରିଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ 'ସିଏମ୍ କିଷାନ ସହାୟତା' ଯୋଜନା ଅନ୍ତର୍ଗତ ଖରିଫ-୨୦୨୬ ପାଇଁ ସହାୟତା ରାଶି ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲାର ୨ ଲକ୍ଷ ୧୩ ହଜାର ୭୭୫ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୪୨ କୋଟି ୭୫ ଲକ୍ଷ ୫୦ ହଜାର ଟଙ୍କା ହସ୍ତାନ୍ତର କରାଯାଇଥିଲା। ଭୂମିହୀନ କୃଷି ପରିବାର ପ୍ରତ୍ୟେକଙ୍କୁ ୨,୦୦୦ ଟଙ୍କା ଲେଖାଏଁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା।ଏହି ଅବସରରେ ଜିଲ୍ଲାପାଳ କହିଥିଲେ, "ଅକ୍ଷୟ ତୃତୀୟା ଆମ ମାଟି ଏବଂ ମାଟିର ମଣିଷଙ୍କ ସମୃଦ୍ଧିର ପର୍ବ। କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରି ଏକ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିଟି ବିକାଶମୂଳକ କାର୍ଯ୍ୟକୁ କ୍ଷେତ୍ର ସ୍ତରରେ ସଠିକ୍ ପ୍ରତିଫଳନ କରିବା ହେଉଛି ଜିଲ୍ଲା ପ୍ରଶାସନର ମୂଳ ଲକ୍ଷ୍ୟ।" ସେ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ଭଲ ଫସଲ ପାଇଁ ପ୍ରାର୍ଥନା କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ଚାଷୀମାନେ ଦେଶ ଓ ଅର୍ଥନୀତିର ମେରୁଦଣ୍ଡ। ସେମାନଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। 'ସିଏମ୍ କିଷାନ' ଯୋଜନା ମାଧ୍ୟମରେ ଦିଆଯାଉଥିବା ଆର୍ଥିକ ସହାୟତା ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ ସେମାନଙ୍କୁ ଋଣଗ୍ରସ୍ତ ହେବାରୁ ସୁରକ୍ଷା ଦେଉଛି। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ କହିଥିଲେ ଯେ, କୃଷି ହେଉଛି ରାଜ୍ୟବାସୀଙ୍କ ମୁଖ୍ୟ ଜୀବିକା ଏବଂ ରାଜ୍ୟର ପ୍ରାୟ ୭୦ ଶତାଂଶ ଲୋକ କୃଷି ଉପରେ ନିର୍ଭରଶୀଳ।

ତିଥି :(ପଞ୍ଚମୀ): (ମୃଗଶିରା ବୃଷ )
ଅମୃତ ବେଳା: ଦିବା ଘ ୯ ।୩୧ ଗତେ ଘ ୧୨ ।୪୩ ମଧ୍ୟେ

## ଆଜିର ଅନୁଚିନ୍ତନ

ସମସ୍ତ ପ୍ରାଣୀ ହୃଦେ ମୁହିଁ, ଜୀବ ସ୍ୱରୂପେ ବିରାଜଇ
ବେଦାନ୍ତ ଜ୍ଞାନ ଜାତ ମୁହିଁ, ବେଦାର୍ଥ ମୁଁ ଅଟଇ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଓଡ଼ିଶା ରହିବ ଆଗରେ

ଖୋର୍ଦ୍ଧା ଜିଲ୍ଲା ଇନଫୋଭ୍ୟାଲିଠାରେ ଥ୍ରୀ ଡି ଗ୍ଲାସ ସଲ୍ୟୁସନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏଇଥିପାଇଁ ଯେ ଏହି ପ୍ରକଳ୍ପ ଦେଶରେ ପ୍ରଥମ। ଏଥିରେ ନିବେଶ ହୋଇଛି ୨ ହଜାର କୋଟି ଓ ବର୍ଷକୁ ଏହି ପ୍ରକଳ୍ପରେ ୭୦ ହଜାର ଗ୍ଲାସ ପ୍ୟାନେଲ,୫୦ ନିୟୁତ ଆସେମ୍ବଲଡ୍ ୟୁନିଟ ଓ ୧୩ ହଜାର ୨୦୦ ଅତ୍ୟାଧୁନିକ ଥ୍ରୀ ଡି ଏଚଆଇ ମଡ୍ୟୁଲ ଉତ୍ପାଦନ କରିବ। ଏସବୁ ଉତ୍ପାଦିତ ସାମଗ୍ରୀ ବିଶେଷ କରି ବିକାଶଶୀଳ କ୍ଷେତ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନସ,ହାଇପରଫରମାନସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲୋକ୍‌ଟ୍ରୋନିକ୍ସର ଆବଶ୍ୟକତାକୁ ଏହା ପୂରଣ କରିବ। ସ୍ପଷ୍ଟ ଭାବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ୍ ହେବ ଓଡ଼ିଶା। ମୁଖ୍ୟମନ୍ତ୍ରୀଙ୍କ ଏହି ବିବୃତିରେ ଦେଶରେ ପ୍ରଯୁକ୍ତି ବିଦ୍ୟା ନେତୃତ୍ୱ କ୍ଷେତ୍ରରେ ଓଡ଼ିଶାର ରହିବ ସ୍ମରଣୀୟ ଅବଦାନ। ରାଜ୍ୟର ସେମିକଣ୍ଡକ୍ଟର ଯାତ୍ରାରେ ଏହା ନୂଆ ଅଧ୍ୟାୟ ଯୋଡ଼ି ହେବ।

ଏହି ବି ବୃତି ନିଶ୍ଚୟ ବହୁ ଗୁରୁତ୍ୱ ରଖେ।

ସ୍ମରଣୀୟ ଯେ ବିଶ୍ୱରେ ସେମିକଣ୍ଡକ୍ଟର ଉଦ୍ୟୋଗରେ ଦ୍ରୁତ ଅଭିବୃଦ୍ଧି ଘଟୁଛି। ଏକ ରିପୋର୍ଟ ଅନୁଯାୟୀ ୨୦୨୪ରେ ସେମିକଣ୍ଡକ୍ଟର ବଜାର ପ୍ରାୟ ୬୨୭ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଥିଲା। ଏହା ତା'ର ପରବର୍ଷ ଅର୍ଥାତ୍ ୨୦୨୫ରେ ୬୯୭ ବିଲିୟନ ଡଲାରକୁ ବୃଦ୍ଧି ପାଇଲା। ଏହାର କାରଣ ଦିନକୁ ଦିନ ଏହି ଉତ୍ପାଦର ଚାହିଦା ବଢୁଥିବାର ସଂକେତ ।

ଅସଂଖ୍ୟ ତଥ୍ୟକୁ ସାଇତି ରଖିବାରେ ମାଇକ୍ରୋଚିପ୍,ଯାହା ଆଙ୍ଗୁଠି ଟିପରେ ରହିପାରେ। ଦେଶରେ ଏବେ ୨୭୮ରୁ ଅଧିକ ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟ ସେମିକଣ୍ଡକ୍ଟର ଡ଼ିଜାଇନ ଓ ଇନୋଭେସନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି।ଏଥିରେ ଓଡ଼ିଶାର ଯୋଗଦାନ ସଂପର୍କରେ ସାମାନ୍ୟ ସ୍ମରଣ କରାଯାଇପାରେ।ସେମିକନ ଇଣ୍ଡିଆ-୨୦୨୫ ସମ୍ମିଳନୀ ଆୟୋଜିତ ହେବା ବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱଦେଶ ଜ୍ଞାନ କୌଶଳରେ ପ୍ରସ୍ତୁତ ଓଡ଼ିଶାର ୩ ଟି ସେମିକଣ୍ଡକ୍ଟର ଚିପ୍ ପ୍ରଦାନ କରିଥିଲେ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କରିଥିଲେ, ଦୃଢ଼ ନୀତି, ପରବର୍ତ୍ତୀ ପିଢ଼ିର ଭିତ୍ତିଭୂମି ଏବଂ ନିବେଶ ପାଇଁ ସୁଯୋଗ ସହ ସେମିକଣ୍ଡକ୍ଟର ଓ ପ୍ରଯୁକ୍ତି ବିଦ୍ୟା ନବସୃଜନର ପରବର୍ତ୍ତୀ କେନ୍ଦ୍ର ଭାବରେ ଉଭା ହେବାକୁ ଓଡ଼ିଶା ପ୍ରସ୍ତୁତ।

ଉଲ୍ଲେଖ କରାଯାଇପାରେ ଯେ ଓଡ଼ିଶାର ୨ଟି ସମେତ ୬ ଟି ରାଜ୍ୟରେ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ନେଇ ନିବେଶ କରାଯାଇଥିବା ଟଙ୍କାର ପରିମାଣ ହେଉଛି ପ୍ରାୟ ୧.୬୦ଲକ୍ଷ କୋଟି।

ସେମିକଣ୍ଡକ୍ଟର ପାଇଁ ଆମେ ଏବେ ବି ତାଇୱାନ, ଚୀନ,କୋରିଆ ଭଳି ଦେଶ ଉପରେ ନିର୍ଭର କରିଆସୁଛୁ। ତେବେ ଆମ ଦେଶରେ ସେମିକଣ୍ଡକ୍ଟର ଚିପ୍ ବଜାର ଦ୍ରୁତ ଗତିରେ ବଢୁଥିବାରୁ ଚିପ୍ ଆମଦାନି କ୍ଷେତ୍ରରେ ନିର୍ଭରଶୀଳତା ଆଗକୁ କମିବ। ପ୍ରମୁଖ ଚିପ୍ ଆମଦାନିକାରୀ ଦେଶ ଭାବରେ ଭାରତ ଯେବେ ପ୍ରତିଷ୍ଠିତ ହେବ ସେତେବେଳେ ଓଡ଼ିଶାର ଯୋଗଦାନ ନିଶ୍ଚୟ ଆଗରେ ରହିବ, ଏହା ନିଃସନ୍ଦେହ।

# ଏସଆଇଆର : ମହିଳା ଭୋଟରଙ୍କ ସଂଖ୍ୟା କମୁଛି

**ସୌଭାଗ୍ୟ ରଂଜନ ମହାନ୍ତି**

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପୃଷ୍ଠପୋଷକତାରେ ଦେଶର ୧୨୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଚଳରେ ସଘନ ଭୋଟର ତାଲିକା ଯାଞ୍ଚ (ଏସଆଇଆର) ସମୂହ ଭୋଟ ଅଧିକାର ପ୍ରତ୍ୟାହାର କରାଯାଇଥିବା ଅଭିଯୋଗ କରି ବିରୋଧୀ ଦଳଗୁଡିକ ତାଙ୍କର ବହିଷ୍କାର ପାଇଁ ତାଙ୍କ ବିରୁଦ୍ଧରେ ମହାଭିଯୋଗ ନୋଟିସ ଦେଇଛନ୍ତି। ଅଭିଯୋଗୁଡିକର ସତ୍ୟତା ଏବଂ ମହାଭିଯୋଗ ପ୍ରସ୍ତାବ ପାର୍ଲିଆମେଂଟର ବିତର୍କ ପରିସରଭୁକ୍ତ ଥିବାବେଳେ କେତେକ ଚିନ୍ତାଜନକ ତଥ୍ୟ ଯାଂଚର ଗୁରୁତ୍ୱ ବହନ କରେ। ଏହା ନିଃସନ୍ଦେହ ଯେ, ଭୋଟର ତାଲିକାରୁ ଜାଲ ଓ ଅଯୋଗ୍ୟ ଭୋଟରମାନଙ୍କୁ ବାଦ୍ ଦେବା ଏସଆଇଆର'ର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କିନ୍ତୁ ଏସଆଇଆର ପରେ ବିଭିନ୍ନ ରାଜ୍ୟରୁ ମିଳିଥିବା ତଥ୍ୟର ପୁରୁଷଙ୍କ ତୁଳନାରେ ମହିଳାଙ୍କ ବାଦ ପଡିବା ଅନୁପାତିକ ହାର ଅଧିକ ଥିବା ଜଣାଯାଏ। ଗତବର୍ଷ ଏସଆଇଆର ଶେଷ ହୋଇଥିବା ବିହାରରେ ଭୋଟର ତାଲିକାରୁ ୬୫ଲକ୍ଷରୁ ଅଧିକ ଭୋଟର ବାଦ୍ ପଡିଥିଲେ। ଯାହାର ପରିଣତି ସ୍ୱରୁପ ଏସଆଇଆର ପରେ ରାଜ୍ୟରେ ଭୋଟର ତାଲିକାରେ ମହିଳାଙ୍କ ଅନୁପାତ ପ୍ରତି ୧୦୦୦ ପୁରୁଷରେ ୯୦୭ ରୁ ୮୯୨ କୁ ହ୍ରାସ ପାଇଛି। ଅର୍ଥାତ ବିହାରରେ ପ୍ରତି ୧୦୦୦ ପୁରୁଷରେ ମହିଳା ଭୋଟରଙ୍କ ସଂଖ୍ୟା ହେଉଛି ୮୯୨। ସେହିପରି ରାଜ୍ୟରେ ବାଦ୍ ପଡିଥିବା ମୋଟ ୬୫ଲକ୍ଷରୁ ଅଧିକ ଭୋଟରଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ୩୧ଲକ୍ଷରୁ ଅଧିକ ରହିଛନ୍ତି। ଚିନ୍ତାଜନକ ଘଟଣା ହେଉଛି, ଏସଆଇଆର ଶେଷ ହୋଇଥିବା ପ୍ରାୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଅନୁରୂପ ତଥ୍ୟ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗରେ ୨୦୨୪ ସାଧାରଣ ନିର୍ବାଚନରେ ପ୍ରତି ୧୦୦୦ ପୁରୁଷରେ ମହିଳା ଭୋଟରଙ୍କ ସଂଖ୍ୟା ୯୬୬ଥିବା ବେଳେ ଏବେ ଏସଆଇଆର ପରେ ସେମାନଙ୍କ ସଂଖ୍ୟା ୯୫୬କୁ ହ୍ରାସ ପାଇଛି। କେବଳ ଏତିକି ନୁହେଁ, ରାଜ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ୮.୦୬ ପ୍ରତିଶତ ହ୍ରାସ ପାଇଛି। ସେହିପରି ଗୁଜୁରାଟରେ ମହିଳାଭୋଟରଙ୍କ ସଂଖ୍ୟା ପ୍ରତି ୧୦୦୦ ପୁରୁଷରେ ୯୪୫ ରୁ ୯୩୮ କୁ ହ୍ରାସ ପାଇଥିବାବେଳେ ମଧ୍ୟ ପ୍ରଦେଶରେ ମହିଳା ଭୋଟରଙ୍କ ଅନୁପାତ ୯୪୫ ରୁ ୯୩୪ କୁ ଏବଂ ରାଜସ୍ଥାନରେ ୯୨୦ରୁ ୯୧୧ କୁ ହ୍ରାସ ପାଇଛି । କହିବା ବାହୁଲ୍ୟ ଯେ, ଏସଆଇଆର ପଦ୍ଧତିରେ ଥିବା ପ୍ରତିବନ୍ଧକ ଯୋଗୁଁ ମହିଳାମାନେ ଏହାକୁ ମୁକାବିଲା ବା ସମାଧାନ କରିବାରେ ସମର୍ଥ ହୋଇନଥିବା ମନେହୁଏ। ଭୋଟର ଗଣନା ମୁଖ୍ୟତଃ ବାସସ୍ଥାନ ଓ ପରିଚୟ ପ୍ରମାଣ ପାଇଁ ବହୁ ଦଲିଲ ଆବଶ୍ୟକ କରୁଥିବାବେଳେ ମହିଳାମାନେ ବାହାଘର ପରେ ନିଜର ବାସସ୍ଥାନ ପରିବର୍ତ୍ତନ କରିଥାନ୍ତି।

ତେବେ ପିତ୍ରାଳୟରୁ ଜରୁରୀ ପ୍ରମାଣପତ୍ର ଆଣିବାରେ ବିଫଳତା ଯୋଗୁଁ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡୁଥିବା ଅଭିଯୋଗ ହେଉଛି। ବିହାରରୁ ମିଳିଥିବା ରିପୋର୍ଟରୁ ଜଣାଯାଏ ଯେ, ଭୋଟର ତାଲିକାରେ ନାମ ଯୋଡିବା ପାଇଁ ବହୁ ବିବାହିତା ମହିଳା ସେମାନଙ୍କର ପ୍ରମାଣପତ୍ର ସଂଚାର ଲାଗି ଏବେ ବି ପ୍ରୟାସ ଜାରି ରଖିଛନ୍ତି। ଆହୁରି ମଧ୍ୟ ଅଶିକ୍ଷିତ ମହିଳାଙ୍କ ପାଇଁ ପ୍ରମାଣପତ୍ର ସଂଗ୍ରହ ଜଟିଳ ପରିସ୍ଥିତି ସୃଷ୍ଟି କରିଥିବା କୁହାଯାଏ। ସେହିପରି ଅଳ୍ପ ପାଠ ପଢିଥିବା ମହିଳାମାନେ ଫର୍ମ ପୂରଣ କରିବା ଓ ଯାଞ୍ଚକାରୀ ଅଫିସରଙ୍କ ପ୍ରଶ୍ନର ଉତର ଦେବାରେ ବହୁ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା କୁହାଯାଏ। ଏହା ନିଶ୍ଚିତ ଯେ ଏସଆଇଆରରେ ଅଧିକରୁ ଅଧିକ ମହିଳା ଭୋଟର ତାଲିକାରୁ ବାଦ୍ ପଡିବା ସେମାନଙ୍କ ଗଣତାନ୍ତ୍ରିକ ଅଧିକାର, ନାଗରିକତ୍ୱ ଅଧିକାରକୁ କେବଳ କ୍ଷୁଣ୍ଣ କରୁନାହିଁ, ଲୋକ ପ୍ରତିନିଧିମୂଳକ ରାଜନୈତିକ କ୍ଷେତ୍ରରେ ସେମାନଙ୍କ ଅଂଶଗ୍ରହଣ ବିରୁଦ୍ଧାଚରଣ କରୁଛି। ପଞ୍ଚାୟତ ଠାରୁ ଆରମ୍ଭ କରି ବିଧାନସଭା ଓ ପାର୍ଲିଆମେଂଟରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ପାଇଁ ଦେଶରେ ଆଇନ ରହିଥିବା ବେଳେ ମହିଳାଙ୍କ ସମୂହ ଭୋଟ ଅଧିକାର ପ୍ରତ୍ୟାହାର ବ୍ୟବସ୍ଥା ପ୍ରତି ଏକ କୁଠାରାଘାତ ବୋଲି କୁହାଯାଇପାରେ। ଆହୁରି ବିଗତ ନିର୍ବାଚନ ଗୁଡିକରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ହାର ଅଧିକ ରହିଥିବା ଜଣାଯାଏ।

ଯାହାକି ଗଣତନ୍ତ୍ର ପାଇଁ ଏକ ଶୁଭସଂକେତ । କହିବା ବାହୁଲ୍ୟ ଯେ, ଦେଶରେ ପାର୍ଲିଆମେଂଟ ହେଉ ବା ବିଧାନସଭା ନିର୍ବାଚନ ହେଉ ସ୍ୱଳ୍ପ ମତଦାନ ହାର ବିଭିନ୍ନ ମହଲରେ ଚିନ୍ତାର କାରଣ ହୋଇଥିଲା। କିନ୍ତୁ ମହିଳା ଭୋଟରଙ୍କ ମତଦାନ ହାର ବୃଦ୍ଧି ନୂତନ ଆଶା ସଂଚାର କରିଛି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ମାତ୍ର କଠୋର ଏସଆଇଆର ପ୍ରକ୍ରିୟା ଭୋଟର ତାଲିକାରେ ସ୍ଥାନ ପାଇବାରେ ମହିଳାଙ୍କୁ ନିରୁତ୍ସାହିତ କରିଛି। ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ନିର୍ବାଚନ କମିଶନ ଧ୍ୟାନ ଦେବା ଆବଶ୍ୟକ।

ମୋ-୯୪୩୭୯୯୪୩୭୯

# ଯୁଦ୍ଧମନସ୍କ ପୃଥିବୀ

**ରବୀନ୍ଦ୍ରନାଥ ଯୋଷୀ**

**ଇତି ମଧ୍ୟରେ ଅନେକ ରାଷ୍ଟ୍ର ପରମାଣୁ ଶକ୍ତି ସଂପନ୍ନ ହେବାକୁ ପ୍ରୟାସ ଜାରି ରଖିଛନ୍ତି । ନିଜ ରାଷ୍ଟ୍ରର ସୁରକ୍ଷା ସହିତ ସାମରିକ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହେବାକୁ ପ୍ରୟାସ ଜାରି ରଖିଛନ୍ତି । ଋଷ ଓ ଆମେରିକା ପରେ ଚୀନ , ବ୍ରିଟେନ , ଫ୍ରାନ୍ସ , ଭାରତ ,ପାକିସ୍ଥାନ ଓ ଦକ୍ଷିଣ କୋରିଆ , ଇସ୍ରାଏଲ ପ୍ରଭୃତି ଦେଶ ବର୍ତ୍ତମାନ ପରମାଣୁ ଶକ୍ତି ସଂପନ୍ନ ରାଷ୍ଟ୍ର ଭାବରେ ପରିଗଣିତ ହୋଇଛନ୍ତି । ଇରାନ ମଧ୍ୟ ପରମାଣୁ ଶକ୍ତି ସଂପନ୍ନ ହେବାର ଉଦ୍ୟମ ଜାରି ରଖିଥିବାବେଳେ ଆଜିର ଯୁଦ୍ଧର ଏହା ଏକ ପ୍ରମୁଖ କାରଣ ହୋଇଛି । ଏକବିଂଶ ଶତାବ୍ଦୀ ପାଦ ଥାପୁ ଥାପୁ ଆଫଗାନିସ୍ଥାନ ,ଇରାକ ,ସିରିଆ ,ଲେବାନନ ଦେଶରେ ଯୁଦ୍ଧ ସଂଘଟିତ ହୋଇଛି । ଇସ୍ରାଏଲ- ପାଲେଷ୍ଟାଇନ, ଭାରତ- ପାକିସ୍ଥାନ, ପାକିସ୍ଥାନ- ଆଫଗାନିସ୍ଥାନ ସହିତ ମଧ୍ୟ ଅନେକ ଛୋଟ ବଡ଼ ଯୁଦ୍ଧ ହୋଇଛି ।**

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସଂଘଟିତ ଦୁଇ ଦୁଇଟି ବିଶ୍ୱ ଯୁଦ୍ଧ ମାନବ ସମାଜକୁ ଅନେକ ଶିକ୍ଷା ଦେଇଛି । ଯୁଦ୍ଧ ହିଁ ବିନାଶର ପ୍ରତୀକ । ଧନ ଜୀବନ ନଷ୍ଟ ହେବା ସହିତ ପରିବେଶ ପ୍ରଦୂଷଣ ,ଆର୍ଥିକ ଅନଟନ ଓ ମାନସିକ ଦୁଶ୍ଚିନ୍ତା ବୃଦ୍ଧି କରୁଥିବା ଯୁଦ୍ଧ କେବେବି ମଣିଷକୁ ଶାନ୍ତି ପ୍ରଦାନ କରି ନ ଥାଏ । ଯୁଦ୍ଧ ଉଭୟ ବିଜିତ ଓ ପରାଜିତଙ୍କ ପାଇଁ କ୍ଷତିକାରକ । ଯୁଦ୍ଧୋତ୍ତର ସମୟ ଅଭାବ ଓ ଅନଟନ ସୃଷ୍ଟି କରିବା ସହିତ ସାଧାରଣ ଓ ସାଧାରଣ ଜନଗଣଙ୍କୁ ଯନ୍ତ୍ରଣା ଦିଏ । ଜାତୀୟ ବିକାଶର ଧାରା ବାଧାପ୍ରାପ୍ତ ହୁଏ । ତେଣୁ କୌଣସି ବି ସମସ୍ୟାର ସମାଧାନ ପାଇଁ ଯୁଦ୍ଧକୁ ଶେଷ ବିକଳ୍ପ ଭାବରେ ଗ୍ରହଣ କରିବା ଉଚିତ ବୋଲି କୁହାଯାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅନେକ ରାଷ୍ଟ୍ର ନିଶ୍ଚୟ ଏହା ଉପଲବ୍ଧି କରିଛନ୍ତି। ବୋଧହୁଏ ସେଥିପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିସମାପ୍ତିର ଅଶି ବର୍ଷ ମଧ୍ୟରେ ଆଉ ଗୋଟିଏ ବିଶ୍ୱଯୁଦ୍ଧର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିଛି । ଅବଶ୍ୟ ଏହି ସମୟ ମଧ୍ୟରେ ଅନେକ ଯୁଦ୍ଧ ସଂଘଟିତ ହୋଇଛି। ସୀମାନ୍ତ ବିବାଦ , ସୀମାପାର ଆତଙ୍କବାଦ ଓ ଗୃହ ଯୁଦ୍ଧ ଭଳି କିଛି କାରଣ ଯୋଗୁଁ ଏହି ଯୁଦ୍ଧ ସଂଘଟିତ ହୋଇଥିଲେ ସୁଦ୍ଧା ତାହା ବିଶେଷ ଭାବରେ ପରିବ୍ୟାପ୍ତ ହୋଇପାରି ନାହିଁ । ଏକବିଂଶ ଶତାବ୍ଦୀରେ ପୁନର୍ବାର ପୃଥିବୀ ଯୁଦ୍ଧମନସ୍କ ହେବାରେ ଲାଗିଛି । ଦୁଇ ପାରମ୍ପରିକ ମହାଶକ୍ତି ବୋଲାଉଥିବା ଋଷିଆ ଓ ଆମେରିକା ମଧ୍ୟରେ ତିକ୍ତତା ଏବେବି ଲାଗିରହିଛି । ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହୋଇ ନଥିଲେ ମଧ୍ୟ ଦେଶ ଦେଶ ମଧ୍ୟରେ କିନ୍ତୁ ସାମରିକ ପ୍ରତିଯୋଗୀତା ଅନେକାଂଶରେ ଦେଖାଦେଇଛି । ଇତି ମଧ୍ୟରେ ଅନେକ ରାଷ୍ଟ୍ର ପରମାଣୁ ଶକ୍ତି ସଂପନ୍ନ ହେବାକୁ ପ୍ରୟାସ ଜାରି ରଖିଛନ୍ତି । ନିଜ ରାଷ୍ଟ୍ରର ସୁରକ୍ଷା ସହିତ ସାମରିକ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହେବାକୁ ପ୍ରୟାସ ଜାରିରଖିଛନ୍ତି । ଋଷ ଓ ଆମେରିକା ପରେ ଚୀନ , ବ୍ରିଟେନ , ଫ୍ରାନ୍ସ , ଭାରତ ,ପାକିସ୍ଥାନ ଓ ଦକ୍ଷିଣ କୋରିଆ , ଇସ୍ରାଏଲ ପ୍ରଭୃତି ଦେଶ ବର୍ତ୍ତମାନ ପରମାଣୁ ଶକ୍ତି ସଂପନ୍ନ ରାଷ୍ଟ୍ର ଭାବରେ ପରିଗଣିତ ହୋଇଛନ୍ତି । ଇରାନ ମଧ୍ୟ ପରମାଣୁ ଶକ୍ତି ସଂପନ୍ନ ହେବାର ଉଦ୍ୟମ ଜାରୀ ରଖିଥିବାବେଳେ ଆଜିର ଯୁଦ୍ଧର ଏହା ଏକ ପ୍ରମୁଖ କାରଣ ହୋଇଛି । ଏକବିଂଶ ଶତାବ୍ଦୀ ପାଦ ଥାପୁ ଥାପୁ ଆଫଗାନିସ୍ଥାନ ,ଇରାକ ,ସିରିଆ ,ଲେବାନନ ଦେଶରେ ଯୁଦ୍ଧ ସଂଘଟିତ ହୋଇଛି । ଇସ୍ରାଏଲ- ପାଲେଷ୍ଟାଇନ, ଭାରତ- ପାକିସ୍ଥାନ, ପାକିସ୍ଥାନ- ଆଫଗାନିସ୍ଥାନ ସହିତ ମଧ୍ୟ ଅନେକ ଛୋଟ ବଡ଼ ଯୁଦ୍ଧ ହୋଇଛି । ଆମେରିକା କିଛି ଦେଶକୁ ଗୋପନୀୟ ସମର୍ଥନ କରୁଥିବାବେଳେ ଋଷିଆ ମଧ୍ୟ ଗୁପ୍ତ ସମର୍ଥନ ରଖୁଥିବା ଆଲୋଚନା ହେଉଛି । ଋଷିଆ - ୟୁକ୍ରେନ ଯୁଦ୍ଧ ଓ ବର୍ତ୍ତମାନ ଚାଲିଥିବା ଆମେରିକା - ଇସ୍ରାଏଲ - ଇରାନ ଯୁଦ୍ଧ ଚଳିତ ଦଶନ୍ଧିର ଦୁଇ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ଅଟେ । ଦୁଇ ମହାଶକ୍ତି ପ୍ରତ୍ୟକ୍ଷ ଭାବରେ ଏହି ଯୁଦ୍ଧରେ ସାମିଲ ହୋଇଛନ୍ତି । ଗତ ୨୦୨୨ ମସିହାରେ ଆରମ୍ଭ ହୋଇଥିବା ଋଷିଆ - ୟୁକ୍ରେନ ଯୁଦ୍ଧ ବର୍ତ୍ତମାନ ଯାଏଁ ଚାଲୁ ରହିଛି । ୟୁକ୍ରେନ ଭଳି ଏକ ଛୋଟ ରାଷ୍ଟ ମଧ୍ୟ ଋଷିଆର ଆକ୍ରମଣକୁ ସାମନା କରିବା ପାଇଁ ଭୟଭୀତ ହୋଇନାହିଁ। ଏକ ଦୀର୍ଘକାଳୀନ ଯୁଦ୍ଧକୁ ଚଲାଇ ରଖିବା ଏକ ସହଜ କଥା ନୁହେଁ। ତଥାପି ୟୁକ୍ରେନ ଭଳି ଏକ ଛୋଟ ଦେଶ ଋଷିଆକୁ ସାମନା କରିବାର ସାମର୍ଥ୍ୟ ଜୁଟାଇଛି । ଅନ୍ୟ ପକ୍ଷରେ ଇରାନ ଭଳି ଏକ ରାଷ୍ଟ୍ର ମଧ୍ୟ ନିଜ ଦେଶର ମୁଖିଆକୁ ହରାଇ ସୁଦ୍ଧା ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣରେ ହାର ମାନିନାହିଁ । ଉଭୟ କ୍ଷେତ୍ରରେ ଆମେରିକା ଓ ଋଷିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି । ଆମେରିକା ଅସ୍ତ୍ରବିରତି ଘୋଷଣା କରିଛି । ପ୍ରଥମ ପର୍ଯ୍ୟାୟରେ ଶାନ୍ତି ସ୍ଥାପନ ପାଇଁ ପାକିସ୍ଥାନର ମଧ୍ୟସ୍ଥତାରେ ଦୁଇ ଦେଶ ମଧ୍ୟରେ ବୁଝାମଣା ପାଇଁ ଉଦ୍ୟମ ହୋଇଛି । ଏହା ସଫଳ ହୋଇପାରିନାହିଁ। ତେଣୁ ଆଗକୁ ଏହି



ଯୁଦ୍ଧ ବନ୍ଦ ହେବାର ସମ୍ଭାବନା ଦିଶୁନାହିଁ । ଏହି ଯୁଦ୍ଧର ଫଳାଫଳ ଆଗକୁ ଯାହାହେଉନା କାହିଁକି ବର୍ତ୍ତମାନ ସାରା ବିଶ୍ୱରେ ଏହାର କୁପ୍ରଭାବ ଅନୁଭୂତ ହୋଇସାରିଛି । ଯୁଦ୍ଧ ଯୋଗୁଁ ଶକ୍ତି ସଂକଟ ସମଗ୍ର ବିଶ୍ୱରେ ଦେଖାଦେଇଛି । ମଧ୍ୟପ୍ରାଚ୍ୟରେ ଅବସ୍ଥିତ ଏହି ରାଷ୍ଟ୍ର ଗୁଡ଼ିକ ତୈଳ ଓ ଇନ୍ଧନ ଉତ୍ପାଦନ କରୁଥିବା ହେତୁ ବର୍ତ୍ତମାନ ଏହା ଅନ୍ୟତ୍ର ରପ୍ତାନି ହେବାରେ ସମସ୍ୟା ସୃଷ୍ଟି ହୋଇଛି । ଫଳରେ ଶକ୍ତି ସଂକଟ ଦେଖାଦେଇଛି । ଏହି ଯୁଦ୍ଧ ଚାଲୁରହିଲେ ଆଗକୁ ଆହୁରି ଅନେକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ବର୍ତ୍ତମାନ ଏଲପିଜି ଗ୍ୟାସ, ପେଟ୍ରୋଲ ,ଡିଜେଲର ସମସ୍ୟା ଅନେକାଂଶରେ ଦେଖାଦେଇଛି । ଯୁଦ୍ଧ ବିରତି ଯୋଗୁଁ କିଛିଟା ସମସ୍ୟା ଲାଘବ ହୋଇଥିଲେ ମଧ୍ୟ ବର୍ତ୍ତମାନ ଦୁଇ ଦେଶରେ ଶାନ୍ତି ବୁଝାମଣା ଫେଲ୍ ମାରିଛି । ପାକିସ୍ଥାନ ଭଳି ଅଭାବୀ ଦେଶରେ ଏହାର ପ୍ରଭାବ ଗୁରୁତର ହୋଇସାରିଛି । ଆମେରିକା ,ଋଷିଆ ଭଳି କିଛି ରାଷ୍ଟ୍ରଙ୍କ ଯୁଦ୍ଧ ମନସ୍କତା ପୃଥିବୀର ଶାନ୍ତି ସହାବସ୍ଥାନ ପାଇଁ ସଙ୍କଟ ସୃଷ୍ଟି କରିଛି । ମିଳିତ ଜାତିସଂଘ ଏହି ଯୁଦ୍ଧମନସ୍କ ଦେଶମାନଙ୍କୁ ତାଙ୍କ ମାନସିକତାର ପରିବର୍ତ୍ତନ କରିବାରେ ବିଫଳ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ସମସ୍ତ ଆନ୍ତର୍ଜାତିକ ସାମାରିକ ସର୍ତ୍ତାବଳୀର ଖୋଲା ଉଲ୍ଲଙ୍ଘନ କରିବାକୁ କେହି ପଛଘୁଂଚା ଦେଉନାହାନ୍ତି । ବର୍ତ୍ତମାନ ଆମେରିକା - ଇରାନ ଶାନ୍ତି ବୁଝାମଣା ବିଫଳ ହେବାପରେ ଆମେରିକା ଆହୁରି କଠୋର ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ ପ୍ରଣାଳୀରେ ସଂପୂର୍ଣ୍ଣ ନୌସେନା ଅବରୋଧ ଘୋଷଣା ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରଣାଳୀ ଦେଇ ବିଶ୍ୱର ଏକ ପଞ୍ଚମାଂଶ ତୈଳ ପରିବହନ ହୋଇଥାଏ । ଏହି ପଥ ଅବରୋଧ କଲେ କେବଳ ଇରାନ ନୁହେଁ ବରଂ ଅନେକ ଦେଶ ଅର୍ଥନୈତିକ କ୍ଷତି ସହିବେ । ନିରପେକ୍ଷ ଦେଶ ଓ ମିତ୍ରଦେଶମାନଙ୍କୁ ଆମେରିକା ଏହି ନିଷ୍ପତ୍ତି ମାନିବାକୁ ଅଥବା ଗୁରୁତର ଶକ୍ତି ସଂକଟକୁ ସାମନା କରିବାକୁ ବାଧ୍ୟ କରୁଛି । ଭାରତ ସହିତ ଜାପାନ ଚୀନ ଦକ୍ଷିଣକୋରିଆ ଭଳି ଦେଶମାନଙ୍କ ପାଇଁ ଏହା ବ୍ୟାପକ କ୍ଷତି କରିବ । ବର୍ତ୍ତମାନ ଆମେରିକାର ଏହି ନିଷ୍ପତ୍ତିକୁ ତାର ମିତ୍ରଶକ୍ତି ଦେଶ ଗୁଡ଼ିକ ମଧ୍ୟ ସମର୍ଥନ କରୁନାହାଁନ୍ତି । ଆମେରିକା ଯଦି ଏହି ନିଷ୍ପତ୍ତିରୁ ନ ହଟେ କିମ୍ବା ଇରାନ ସହିତ କୌଣସି ଶାନ୍ତି ବୁଝାମଣା ନ ହୁଏ ତାହାହେଲେ ଆମେରିକା- ଇସ୍ରାଏଲ - ଇରାନ ଯୁଦ୍ଧ ଆଗକୁ ଏକ ବିଶ୍ୱ ଯୁଦ୍ଧରେ ରୂପାନ୍ତରିତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ମୋଟାମୋଟି ଭାବରେ ଏକବିଂଶ ଶତାବ୍ଦୀର ଅତିକ୍ରାନ୍ତ ଏହି ୨୬ ବର୍ଷରେ ବିଶ୍ୱ ଯୁଦ୍ଧମନସ୍କ ହୋଇଛି । କିନ୍ତୁ ଯୁଦ୍ଧଖୋର ଦେଶ ଗୁଡ଼ିକ ଜାଣିରଖିବା ଉଚିତ ଯେ ତାଙ୍କ ଏହି ଜିଦଖୋର ମାନସିକତା ଦିନେ ସମଗ୍ର ପୃଥିବୀକୁ ଧ୍ୱଂସସ୍ତୁପରେ ପରିଣତ କରିଦେବ । ଏକଦା ହିରୋସୀମା ଓ ନାଗାସାକିରେ ହୋଇଥିବା ପରମାଣୁ ବୋମା ନିକ୍ଷେପଣର କୁପ୍ରଭାବ କେତେଯେ କ୍ଷତି କରିଛି ସେମାନେ ଭୁଲିଯିବା ଉଚିତ ନୁହେଁ । ଦୀର୍ଘ ବର୍ଷ ପର୍ଯ୍ୟନ୍ତ ମାନବ ସଭ୍ୟତା ଏହାର କୁପରିଣାମ ଭୋଗିଛି । ପରିବେଶ ଧ୍ୱଂସ ହୋଇଛି । ବର୍ତ୍ତମାନ ବିଶ୍ୱ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଅନେକ ଆଗେଇ ସାରିଛି । ଅନେକ ଦେଶ ପରମାଣୁ ଶକ୍ତି ସଂପନ୍ନ ହୋଇସାରିଛନ୍ତି । ହଜାର ହଜାର କିଲୋମିଟର ଲକ୍ଷ୍ୟଭେଦ କରିପାରୁଥିବା ଅସ୍ତ୍ରଶସ୍ତ୍ରରେ ଅନେକ ଦେଶ ବଳୀୟାନ ହୋଇଛନ୍ତି । ଗୋଟିଏ ଗୋଟିଏ କ୍ଷେପଣାସ୍ତ୍ର ପୃଥିବୀର ଯେକୌଣସି ସ୍ଥାନକୁ ଲକ୍ଷ୍ୟଭେଦ କରିବାର ସାମର୍ଥ୍ୟ ହାସଲ କରିଛି । ଏହି ପରିସ୍ଥିତିରେ ଯଦି ବିଶ୍ୱଯୁଦ୍ଧ ହୁଏ ଏହାର ଭୟାବହତା ଯେ କେତେ ସହଜରେ ଅନୁମେୟ । ଏକେ ତ ଜନସଂଖ୍ୟା ବୃଦ୍ଧି ଓ ପରିବେଶ ପ୍ରଦୂଷଣ ଯୋଗୁଁ ବର୍ତ୍ତମାନ ପୃଥିବୀ ସଂକଟରେ ଗତିକରୁଛି । ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶ ଦେଶ ମଧ୍ୟରେ ଉତ୍ତମ ବୁଝାମଣା ସହିତ ଏହି ସମସ୍ୟା ଗୁଡ଼ିକର ସମାଧାନ ପାଇଁ ମିଳିତ ଉଦ୍ୟମ ହେଲେ ପୃଥିବୀ ସନ୍ତୁଳିତ ହୋଇ ରହିବ । ଅନ୍ୟଥା ଏହାର ପରିଣାମ କଦାପି ଭଲ ନୁହେଁ । ପରମାଣୁ ଶକ୍ତି ସଂପନ୍ନ ଦେଶ ଗୁଡ଼ିକ ନିଜ ନିଜ ଯୁଦ୍ଧମନସ୍କତା ଓ ସାମ୍ରାଜ୍ୟବାଦୀ ଚିନ୍ତାଧାରା ପରିହାର କରି ପରସ୍ପର ସହଯୋଗ ଓ ସହଭାଗିତାର ହାତ ବଢାଇଲେ ମାନବ କଲ୍ୟାଣ ସାଧିତ ହୋଇପାରିବ । ବିଶ୍ୱର ବିଭିନ୍ନ ଦେଶରେ ଥିବା ଅଭାବ ଅନଟନ ଦୂର ହେବା ସହିତ ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ହୋଇପାରିବ ।

ଦୂରଭାଷ - ୮୦୧୮୧୮୦୩୮୧

# ସୀମା ନିର୍ଦ୍ଧାରଣ ବିଲ୍ ପଛରେ ଲୁକ୍କାୟିତ ଏଜେଣ୍ଡା !

**ଅସିତ ମହାନ୍ତି**

**ସୀମା ନିର୍ଦ୍ଧାରଣ ବିଲ୍ କେବଳ ସୀମା ପୁନଃନିର୍ମାଣ ବିଷୟରେ ନୁହେଁ; ଏହା ଭାରତୀୟ ଗଣତନ୍ତ୍ରର ସ୍ଥାପତ୍ୟକୁ ପୁନଃପରିଭାଷିତ କରିବା ବିଷୟରେ। ସରକାର ଏହାକୁ ଆଧୁନିକୀକରଣ ଏବଂ ବିସ୍ତାର ଭାବରେ ପ୍ରସ୍ତୁତ କରୁଥିବା ବେଳେ, ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ଗୁପ୍ତ ଏଜେଣ୍ଡା ହେଉଛି ରାଜନୈତିକ ପ୍ରାଧାନ୍ୟକୁ ସୁଦୃଢ଼ କରିବା, ଉତ୍ତର ରାଜ୍ୟଗୁଡ଼ିକ ଆଡ଼କୁ କ୍ଷମତା ସ୍ଥାନାନ୍ତର କରିବା ଏବଂ ଆଞ୍ଚଳିକ ବିରୋଧୀ ଦଳକୁ ଦୁର୍ବଳ କରିବା। ଏହି ବିବାଦ ଏପରି ପରିବର୍ତ୍ତନକାରୀ ପଦକ୍ଷେପ କାର୍ଯ୍ୟକାରୀ ହେବା ପୂର୍ବରୁ ସ୍ୱଚ୍ଛ ବିତର୍କ, ସାମ୍ବିଧାନିକ ସୁରକ୍ଷା ଏବଂ ସମାନ ପ୍ରତିନିଧିତ୍ୱର ଆବଶ୍ୟକତାକୁ ଗୁରୁତ୍ୱାରୋପ କରେ।**

ବର୍ତ୍ତମାନ ସରକାରଙ୍କ ସୀମା ନିର୍ଦ୍ଧାରଣ ବିଲ୍ ପଛରେ ଲୁକ୍କାୟିତ ଏଜେଣ୍ଡା ଭାରତର ରାଜନୈତିକ ମାନଚିତ୍ରକୁ ଏପରି ଭାବରେ ପୁନଃଆକୃତି ଦେବାର ସମ୍ଭାବନାରେ ରହିଛି ଯାହା କିଛି ଅଞ୍ଚଳ ଏବଂ ଦଳକୁ ସପକ୍ଷରେ ରଖିଥାଏ, ଯାହା ସ୍ୱଚ୍ଛତା, ପ୍ରତିନିଧିତ୍ୱ ଏବଂ ସାମ୍ବିଧାନିକ ସୀମା ବିଷୟରେ ଚିନ୍ତା ସୃଷ୍ଟି କରିଥାଏ। ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ବିଲ୍‌ଟିକୁ ଏକ ବୈଷୟିକ ଅଭ୍ୟାସ ଭାବରେ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏହା ଗଭୀର ରାଜନୈତିକ ପ୍ରଭାବ ବହନ କରେ ଯାହା ସଂସଦ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ କ୍ଷମତା ସନ୍ତୁଳନକୁ ପରିବର୍ତ୍ତନ କରିପାରେ। ଗୁପ୍ତତା ଏବଂ ସ୍ୱଚ୍ଛତାର ଅଭାବ - ସୀମା ନିର୍ଦ୍ଧାରଣ ବିଲ୍ ସବୁଠାରୁ ଆକର୍ଷଣୀୟ ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଏହାର ଖସଡ଼ା ଏବଂ ଉପସ୍ଥାପନା ଚାରିପାଖରେ ଗୁପ୍ତତା। ନାଗରିକ ସମାଜ ଗୋଷ୍ଠୀ, ଶିକ୍ଷାବିତ୍ ଏବଂ ଅବସରପ୍ରାପ୍ତ ଅଧିକାରୀମାନେ ସରକାର ଡ୍ରାଫ୍ଟ ପାଠ୍ୟ ପ୍ରକାଶ ନକରି କିମ୍ବା ସାଧାରଣ ପରାମର୍ଶ ନକରି ବିଲ୍‌କୁ ଆଗକୁ ବଢାଇବା ଅଭିଯୋଗ କରିଛନ୍ତି। ଏହି ଖୋଲାସାର ଅଭାବ ସନ୍ଦେହକୁ ପ୍ରୋତ୍ସାହିତ କରିଛି ଯେ ସରକାର ରାଜନୈତିକ ଭାବରେ ସମ୍ବେଦନଶୀଳ ଉଦ୍ଦେଶ୍ୟଗୁଡ଼ିକୁ ଲୁଚାଉଛନ୍ତି, ବିଶେଷକରି ଯେହେତୁ ବିଲ୍‌ଟି ଏକ ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ଆଇନ ସହିତ ସଂଯୁକ୍ତ ହୋଇଥିଲା।

ସାମ୍ବିଧାନିକ ଏବଂ ସାଂରଚନିକ ଚିନ୍ତା - ବିଲ୍‌ରେ ଲୋକସଭା ଏବଂ ବିଧାନସଭା ଆସନରେ ୫୦% ବୃଦ୍ଧି ପ୍ରସ୍ତାବ ଦିଆଯାଇଛି, ଯାହା ଉତ୍ତର ପ୍ରଦେଶ ଭଳି ରାଜ୍ୟଗୁଡ଼ିକୁ ୫୦୦ ବିଧାନସଭା ଆସନର ସାମ୍ବିଧାନିକ ସୀମା ଅତିକ୍ରମ କରିବ। ଏପରି ପଦକ୍ଷେପ ପାଇଁ ସମ୍ବିଧାନର ଧାରା ୧୭୦ରେ ସଂଶୋଧନ ଆବଶ୍ୟକ ହେବ, ଯାହା ସରକାର ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥାକୁ ଏଡାଇ ଦେବାକୁ ପ୍ରସ୍ତୁତ କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଇଛି। ଅଖିଳେଶ ଯାଦବଙ୍କ ସମେତ ବିରୋଧୀ ନେତାମାନେ ଚେତାବନୀ ଦେଇଛନ୍ତି ଯେ ଏହା ବଡ଼ ରାଜ୍ୟଗୁଡ଼ିକୁ ରାଜନୈତିକ ଭାବରେ ବିଭାଜିତ କରିବା ଏବଂ ଆଞ୍ଚଳିକ ଦଳଗୁଡ଼ିକୁ ଦୁର୍ବଳ କରିବାର ଏକ ଜାଣିଶୁଣି ପ୍ରୟାସ ହୋଇପାରେ।

ଆଞ୍ଚଳିକ ଅସନ୍ତୁଳନ - ଆଉ ଏକ ଲୁକ୍କାୟିତ ଦିଗ ହେଉଛି ସୀମା ନିର୍ଦ୍ଧାରଣ ପାଇଁ ଆଧାର ଭାବରେ ୨୦୧୧ ଜନଗଣନାର ବ୍ୟବହାର। ଜନସଂଖ୍ୟା ବୃଦ୍ଧିକୁ ସଫଳତାର ସହିତ ନିୟନ୍ତ୍ରଣ କରିଥିବା ଦକ୍ଷିଣ ରାଜ୍ୟଗୁଡ଼ିକ ଉଚ୍ଚ ପ୍ରଜନନ ହାର ସହିତ ଉତ୍ତର ରାଜ୍ୟଗୁଡ଼ିକ ତୁଳନାରେ ପ୍ରତିନିଧିତ୍ୱ ହରାଇବାକୁ ଭୟ କରନ୍ତି। ଏହା ହିନ୍ଦୀ ହାର୍ଟଲ୍ୟାଣ୍ଡ ଆଡ଼କୁ ସଂସଦୀୟ ଶକ୍ତିକୁ ଢଳାଇପାରେ, ଯେଉଁଠାରେ ଶାସକ ଦଳର ସବୁଠାରୁ ଶକ୍ତିଶାଳୀ ଆଧାର ଅଛି, ଯେତେବେଳେ ସାମାଜିକ ବିକାଶରେ ପ୍ରଚୁର ବିନିଯୋଗ କରିଥିବା ଦକ୍ଷିଣ ରାଜ୍ୟଗୁଡ଼ିକର ପ୍ରଭାବକୁ ହ୍ରାସ କରିପାରେ।

ପ୍ରସାରଣ ପଛରେ ରାଜନୈତିକ ରଣନୀତି - ଲୋକସଭାକୁ ୮୫୦ ଆସନରେ ବିସ୍ତାର କରି, ସରକାର ପ୍ରତିନିଧିତ୍ୱକୁ ଏପରି ଭାବରେ ପୁନଃନିର୍ମାଣ କରିପାରିବେ ଯାହା ଏହାର ନିର୍ବାଚନୀ ସମ୍ଭାବନାକୁ ମଜଭୁତ କରିବ। ବଡ଼ ବିଧାନସଭା ଏବଂ ନିର୍ବାଚନମଣ୍ଡଳୀ ଆଞ୍ଚଳିକ ଦଳଗୁଡ଼ିକର ପ୍ରଭାବକୁ ଦୁର୍ବଳ କରିପାରେ ଏବଂ ଜାତୀୟ ସ୍ତରୀୟ ପ୍ରାଧାନ୍ୟକୁ ସୁଦୃଢ଼ କରିପାରେ। ସମାଲୋଚକମାନେ ଏହାକୁ ପ୍ରତିନିଧିତ୍ୱକୁ ଅପଡେଟ୍ କରିବାରେ ଏକ ନିରପେକ୍ଷ ଅଭ୍ୟାସ ପରିବର୍ତ୍ତେ କ୍ଷମତା ବୃଦ୍ଧି କରିବା ପାଇଁ ଏକ ରଣନୈତିକ ଚାଲ ଭାବରେ ଦେଖନ୍ତି।

ବିପଦ ଏବଂ ପ୍ରଭାବ: ଗଣତାନ୍ତ୍ରିକ ଅସନ୍ତୁଳନ: ଦକ୍ଷିଣ ରାଜ୍ୟଗୁଡ଼ିକ ବିଚ୍ଛିନ୍ନ ଅନୁଭବ କରିପାରନ୍ତି, ଆଞ୍ଚଳିକ ବିଭାଜନକୁ ଗଭୀର କରିପାରନ୍ତି। କ୍ଷମତାର ଅତ୍ୟଧିକ କେନ୍ଦ୍ରୀକରଣ: ବଡ଼ ବିଧାନସଭାଗୁଡ଼ିକ ସ୍ଥାନୀୟ ଦାୟିତ୍ୱକୁ ଦୁର୍ବଳ କରିପାରେ। ଆଇନଗତ ଚ୍ୟାଲେଞ୍ଜ: ସାମ୍ବିଧାନିକ ସୀମା ଏବଂ ସଂଶୋଧନ ଦୀର୍ଘକାଳୀନ ମାମଲାକୁ ତ୍ୱରାନ୍ୱିତ କରିପାରେ। ଜନସାଧାରଣଙ୍କ ବିଶ୍ୱାସ କ୍ଷୟ: ଗୁପ୍ତତା ଏବଂ ଶୀଘ୍ର ଗୃହୀତ ହେବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିଶ୍ୱାସକୁ ଦୁର୍ବଳ କରିଦିଏ।

ସୀମା ନିର୍ଦ୍ଧାରଣ ବିଲ୍ କେବଳ ସୀମା ପୁନଃନିର୍ମାଣ ବିଷୟରେ ନୁହେଁ; ଏହା ଭାରତୀୟ ଗଣତନ୍ତ୍ରର ସ୍ଥାପତ୍ୟକୁ ପୁନଃପରିଭାଷିତ କରିବା ବିଷୟରେ। ସରକାର ଏହାକୁ ଆଧୁନିକୀକରଣ ଏବଂ ବିସ୍ତାର ଭାବରେ ପ୍ରସ୍ତୁତ କରୁଥିବା ବେଳେ, ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ଗୁପ୍ତ ଏଜେଣ୍ଡା ହେଉଛି ରାଜନୈତିକ ପ୍ରାଧାନ୍ୟକୁ ସୁଦୃଢ଼ କରିବା, ଉତ୍ତର ରାଜ୍ୟଗୁଡ଼ିକ ଆଡ଼କୁ କ୍ଷମତା ସ୍ଥାନାନ୍ତର କରିବା ଏବଂ ଆଞ୍ଚଳିକ ବିରୋଧୀ ଦଳକୁ ଦୁର୍ବଳ କରିବା। ଏହି ବିବାଦ ଏପରି ପରିବର୍ତ୍ତନକାରୀ ପଦକ୍ଷେପ କାର୍ଯ୍ୟକାରୀ ହେବା ପୂର୍ବରୁ ସ୍ୱଚ୍ଛ ବିତର୍କ, ସାମ୍ବିଧାନିକ ସୁରକ୍ଷା ଏବଂ ସମାନ ପ୍ରତିନିଧିତ୍ୱର ଆବଶ୍ୟକତାକୁ ଗୁରୁତ୍ୱାରୋପ କରେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସାଂସଦ ଏବଂ ବିଧାୟକଙ୍କ ସଂଖ୍ୟା ବୃଦ୍ଧି ସହିତ ଆସୁଥିବା ଆର୍ଥିକ ବୋଝ। ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି ଦରମା, ଭତ୍ତା, କର୍ମଚାରୀ, କାର୍ଯ୍ୟାଳୟ ସ୍ଥାନ, ଯାତ୍ରା ପ୍ରତିପୂରଣ, ଗୃହ, ସୁରକ୍ଷା ଏବଂ ପେନସନ୍ ସୁବିଧା ପାଇବାର ହକଦାର। ଯେତେବେଳେ ଆସନ ସଂଖ୍ୟା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଏ, ଏହି ରାଜନୈତିକ ଭିତ୍ତିଭୂମି ବଜାୟ ରଖିବାର କ୍ରମାଗତ ଖର୍ଚ୍ଚ ପ୍ରଚୁର ପରିମାଣରେ ବୃଦ୍ଧି ପାଏ। ଏହା କେବଳ ଦରମା ବିଷୟରେ ନୁହେଁ - ଏହା ସରକାରୀ କାର୍ଯ୍ୟାଳୟ ସହିତ ଜଡିତ ସମସ୍ତ ସୁବିଧା ବ୍ୟବସ୍ଥା ବିଷୟରେ। ପ୍ରତ୍ୟେକ ସାଂସଦ କିମ୍ବା ବିଧାୟକଙ୍କୁ ପ୍ରଶାସନିକ କର୍ମଚାରୀ, ଯାନବାହାନ, ସରକାରୀ ବାସଭବନ ଏବଂ ଲଜିଷ୍ଟିକ୍ ସହାୟତା ଆବଶ୍ୟକ। ସଂସଦ ଏବଂ ରାଜ୍ୟ ବିଧାନସଭାଗୁଡ଼ିକୁ ସେମାନଙ୍କୁ ସ୍ଥାପିତ କରିବା ପାଇଁ ବଡ଼ କୋଠା, ଅଧିକ ସମ୍ବଳ ଏବଂ ବିସ୍ତାରିତ ଅମଲାତାନ୍ତ୍ରିକ ଯନ୍ତ୍ରପାତି ଆବଶ୍ୟକ ହେବ। ଏହାର ପ୍ରଭାବ ଅତ୍ୟନ୍ତ ବିଶାଳ: ଅଧିକ କମିଟି, ଅଧିକ ସଚିବସ୍ତରୀୟ କର୍ମଚାରୀ, ଯାତ୍ରା ଏବଂ ଆତିଥ୍ୟ ଉପରେ ଅଧିକ ଖର୍ଚ୍ଚ। ସାଧାରଣ ନାଗରିକଙ୍କ ପାଇଁ, ଏହା କରଦାତାଙ୍କ ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଉଥିବା ଅଧିକ ସରକାରୀ ଖର୍ଚ୍ଚରେ ପରିଣତ ହୁଏ। ଯେତେବେଳେ ଲୋକମାନେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି ଏବଂ ନିଯୁକ୍ତିରେ ନିବେଶ ଆଶା କରନ୍ତି, ରାଜନୈତିକ ପ୍ରସାର ପାଇଁ ପାଣ୍ଠିର ବିନିଯୋଗ ଅନୁଚିତ ମନେହୁଏ। ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ସରକାର ଲୋକଙ୍କ ଆର୍ଥିକ ବାସ୍ତବତା ଅପେକ୍ଷା ନିଜସ୍ୱ ରାଜନୈତିକ ଗଣିତକୁ ପ୍ରାଥମିକତା ଦେଉଛନ୍ତି।

ବିଡ଼ମ୍ବନା ହେଉଛି ଯେ କ୍ଷମତାରେ ଥିବା କେହି ଏହି ବୋଝ ବିଷୟରେ ଖୋଲାଖୋଲି ଆଲୋଚନା କରୁଥିବା ପରି ମନେ ହେଉନାହିଁ। ବିତର୍କ ପ୍ରତିନିଧିତ୍ୱ ଏବଂ ଗଣତନ୍ତ୍ର ଉପରେ ଗଢ଼ାଯାଇଛି, କିନ୍ତୁ ଶାସନ ପ୍ରସାରର ଲୁକ୍କାୟିତ ଖର୍ଚ୍ଚକୁ ଏଡ଼ାଇ ଦିଆଯାଇଛି। ବାସ୍ତବରେ, ଆସନର ବିସ୍ତାର ପ୍ରତିବର୍ଷ କୋଟି କୋଟି ଟଙ୍କା ପୁନରାବୃତ୍ତି ଖର୍ଚ୍ଚ ହୋଇପାରେ, ଯାହା ଶାସନ କିମ୍ବା ଦାୟିତ୍ୱକୁ ଉନ୍ନତ କରିବ ବୋଲି ବହୁତ କମ୍ ଗ୍ୟାରେଣ୍ଟି ଦେଇଥାଏ। ମୂଳତଃ, ସୀମା ନିର୍ଦ୍ଧାରଣ ବିଲ୍ କେବଳ ଏକ ରାଜନୈତିକ ଚାଲ ନୁହେଁ ବରଂ ଜନସାଧାରଣଙ୍କ ଉପରେ ଏକ ଆର୍ଥିକ ଚାପ ହେବାର ଆଶଙ୍କା ରହିଛି, ଯେଉଁଠାରେ ନାଗରିକମାନେ ଏକ ବୃହତ ରାଜନୈତିକ ଶ୍ରେଣୀକୁ ବଜାୟ ରଖିବା ପାଇଁ ଅଧିକ ଅର୍ଥ ଦିଅନ୍ତି ଯେତେବେଳେ ସେମାନଙ୍କର ନିଜସ୍ୱ ଆବଶ୍ୟକତା ପୂରଣ ହୋଇନଥାଏ।

ମୋ- ୯୪୩୭୨୮୮୦୨୮

21 .04.2026.pmd 1 4/20/2026, 6:02 PM

# ବିଦ୍ୟାଳୟ ଉନ୍ନୟନ କାର୍ଯ୍ୟକୁ ନେଇ ଥାନାରେ ମାମଲା

ଭାପୁର,୨୦।୪ (ନିପ୍ର); ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ ଅବସ୍ଥିତ ପିଏମଶ୍ରୀ ଗୋପୀନାଥ ଦେବ ଉଚ୍ଚବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏହି କାର୍ଯ୍ୟ କରିବା ପାଇଁ ବ୍ଲକର ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଛି ଏବଂ ସେ ଝଗଡ଼ପଡା ଗ୍ରାମର ଯୋଗେନ୍ଦ୍ର କୁମାର ସ୍ୱାଇଁ ଓ ପଦ୍ମାବତୀ ଗ୍ରାମର ଶ୍ରୀକାନ୍ତ କୁମାର ସାହୁଙ୍କୁ କାର୍ଯ୍ୟ ପରିଚାଳନା ପାଇଁ ଦାୟିତ୍ୱ ପ୍ରଦାନ କରିଥିଲେ। ଶନିବାର ଦିନ କାର୍ଯ୍ୟ ଚାଲିଥିବାବେଳେ ଝଗଡ଼ପଡା ଗ୍ରାମର ଟୁକୁନା ନାୟକ କାର୍ଯ୍ୟସ୍ଥଳୀରେ ପହଞ୍ଚି କାର୍ଯ୍ୟାଦେଶ ଆଣିଥିବାର ଦାବି କରି ନିଜେ କାର୍ଯ୍ୟ କରିବାକୁ କହି କାମକୁ ବନ୍ଦ କରିଥିଲେ। ଏହି ଘଟଣାକୁ ନେଇ ଯୋଗେନ୍ଦ୍ର ଓ ଶ୍ରୀକାନ୍ତ ପ୍ରତିବାଦ କରିବାରୁ ଟୁକୁନା ସେମାନଙ୍କୁ ଆକ୍ରମଣ କରିବା ପାଇଁ ଉଦ୍ୟତ ହେବାବେଳେ କାର୍ଯ୍ୟରତ ଶ୍ରମିକ ମାନେ ଧରି ପକେଇଥିଲେ। ଉକ୍ତ ଘଟଣାକୁ ନେଇ ସେ ଦୁଇ ଜଣ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଟୁକୁନାଙ୍କ ସ୍ତ୍ରୀ ମଧ୍ୟ ପୃଥକ ଭାବରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଦୁଇଟି ଅଭିଯୋଗ କ୍ରମେ ଥାନାଅଧିକାରୀ ଅଜୟ କୁମାର ସାହୁ ଦୁଇଟି ମାମଲା ରୁଜୁ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ବର୍ଷା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ଦାମନଯୋଡି,୨୦/୪(ନିପ୍ର): 'ସଂସ୍କୃତି ପରିବର୍ତ୍ତନଶୀଳ, ଭାରତ ପରିବର୍ତ୍ତନରେ ବିଶ୍ୱାସ କରେ, ତେଣୁ ଭାରତୀୟ ସଂସ୍କୃତି ବିଶ୍ୱରେ ଆଦୃତ ହୋଇପାରିଛି।' ବର୍ଷା ସାହିତ୍ୟ ସଂସଦର ସାରସ୍ୱତ ସମାରୋହରେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ସ୍ତମ୍ଭକାର, ସଂସ୍କୃତି ଗବେଷକ ତଥା 'କଳା ଏବଂ ସାଂସ୍କୃତିକ ଐତିହ୍ୟ ପାଇଁ ଭାରତୀୟ ଜାତୀୟ ଟ୍ରଷ୍ଟ, ଭୁବନେଶ୍ୱର' ର ଆବାହକ ଅନିଲ ଧୀର ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଥିଲେ । ଶିଳ୍ପାଞ୍ଚଳ ଦାମନଯୋଡିର ଅଗ୍ରଣୀ ସାହିତ୍ୟ ସଂଗଠନ 'ବର୍ଷା ସାହିତ୍ୟ ସଂସଦ' ନାଲକୋ ଟାଉନସିପ ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ଏହି ଗରିମାମୟ ସାରସ୍ୱତ ସମାରୋହ ପାଳନ ହୋଇଥିଲା । ସଭାପତି ଅରୁଣ କୁମାର ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନିଲ ଧୀର ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ଅନ୍ୟ ପକ୍ଷରେ 'ସଂସ୍କୃତି, ସଭ୍ୟତା,ପରମ୍ପରା ଆଦିର ପୁନରୁଦ୍ଧାର ମାଧ୍ୟମ ସାହିତ୍ୟ' ବୋଲି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ସହକାରୀ ପ୍ରଧାପକ (ଓଡ଼ିଆ ବିଭାଗ) ଡଃ ଆଲୋକ ବରାଳ ସମ୍ମାନିତ ବକ୍ତା ଭାବରେ ଯୋଗଦେଇ କହିଥିଲେ । ଏହି ସମାରୋହ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ସାହିତ୍ୟ ସମ୍ପର୍କିତ ଆଲୋଚନା ହୋଇଥିଲା । ସଂସଦର ସମ୍ପାଦକ ଶ୍ରୀଧର ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ତାଙ୍କର ସ୍ୱରଚିତ 'ପୁସ୍ତକ ପାହାଡ଼ ତଳର ଗାଁ' ଉନ୍ମୋଚିତ ହୋଇଥିଲା । ସେହିପରି ସରସ୍ୱତୀ ବିଦ୍ୟା ମନ୍ଦିରର ବରିଷ୍ଠ ବିଜ୍ଞାନ ଶିକ୍ଷକ ରାଜୀବ କୁମାର ନାୟକଙ୍କ ରଚିତ 'କଳିଙ୍ଗବୀର ବିଜୁ ପଟ୍ଟନାୟକ, ଏକ ପରିଚୟ' (ଜୀବନୀ ପୁସ୍ତକ) ଉନ୍ମୋଚିତ ହୋଇଥିଲା। ଇତି ଅବସରରେ ମାଲକାନଗିରିର କିଶୋର ପ୍ରଧାନ ଓ ରାଜୀବ କୁମାର ନାୟକଙ୍କୁ ସାହିତ୍ୟ ସାଧନା ପାଇଁ 'ବର୍ଷା ସାହିତ୍ୟ ସଂସଦ ସମ୍ମାନ -୨୦୨୬' ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ଏସିରୁ ତମ୍ବା ପାଇପ୍ ଓ ବିଦ୍ୟୁତ୍ ତାର ଲୁଟ୍ ଘଟଣା

## ଲୁଟେରା ସହ କବାଡିଆ ଦୋକାନୀ ମାଲିକ ବାପା ଓ ପୁଅ ଗିରଫ , ଲୁଟ୍ ସାମଗ୍ରୀ ଜବତ

ହିଞ୍ଜିଳିକାଟୁ,୨୦।୪ (ନିପ୍ର):ଗତ କିଛି ଦିନ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ବ୍ୟବସାୟିକ ପ୍ରତିଷ୍ଠାନ ଓ ବିଭିନ୍ନ ବାସଗୃହରେ ଲାଗିଥିବା ଏସିରୁ ତମ୍ବା ପାଇପ୍ ଓ ବିଦ୍ୟୁତ୍ ତାର କାଟି ଲୁଟି ନେଉଥିଲେ। ଏଭଳି ଲୁଟ୍ ଘଟଣାରେ ହିଞ୍ଜିଳି ପୁଲିସକୁ ମିଳିଛି ସଫଳତା। ଲୁଟ୍ କରୁଥିବା ଲୁଟେରା ସମେତ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ କବାଡିଆ ଦୋକାନୀ ମାଲିକ ଓ ତାଙ୍କ ପୁଅକୁ ପୁଲିସ ଗିରଫ କରିଛି। ଗିରଫ ମାନେ ହେଲେ



ଲୁଟେରା ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ଲକ୍ଷ୍ମୀ ବଜାର ଅଞ୍ଚଳର ମନୋଜ ଦାସ (୨୬) ଓ ଚୋରୀ ସାମଗ୍ରୀ କିଣିବା ଅଭିଯୋଗରେ କବାଡିଆ ଦୋକାନୀ ମାଲିକ ସ୍ଥାନୀୟ ପୌରାଞ୍ଚଳ ବଇଁଅବଣିଆ ମାଷ୍ଟ୍ର କଲୋନୀର ମନୋଜ କୁମାର ସାହୁ (୫୬) ଓ ତାଙ୍କ ପୁଅ କିରଣ କୁମାର ସାହୁ (୨୨) । ଗିରଫ ଲୁଟେରା ଓ କବାଡିଆ ଦୋକାନୀ ମାଲିକଙ୍କ ଠାରୁ ଏସିରେ ବ୍ୟବହୃତ ତମ୍ବା ପାଇପ୍, ୨ଟି ସିସିଟିଭି କ୍ୟାମେରା, ୧ ବଣ୍ଡଲ ଆଲୁମିନିୟମ ତାର, ବିଦ୍ୟୁତ୍ ତାର, ମୋବାଇଲ ଫୋନ୍ ସମେତ ବହୁ ପରିମାଣର ତମ୍ବା ଓ ଲୁହା ସାମଗ୍ରୀ ଜବତ କରାଯାଇଛି। ଏନେଇ ହିଞ୍ଜିଳି ଥାନାରେ କେସ ନଂ - ୨୩୬/୨୬ ରେ ଏକ ମାମଲା ରୁଜୁ କରି ଗିରଫ ୩ ଜଣଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି।

# ଇଟାମାଟି ଷ୍ଟଡି ପଏଣ୍ଟର ସ୍ୱାଗତ ସମ୍ବର୍ଦ୍ଧନା

ନୟାଗଡ,୨୦।୪ (ନିପ୍ର): ନୟାଗଡ଼ ବ୍ଲକ ଇଟାମାଟି ଶ୍ରୀ ଗଜାନନ ଷ୍ଟଡି ପଏଣ୍ଟର ପଞ୍ଚାୟତ ପଡ଼ିଆ ଠାରେ ଜିଲ୍ଲାରେ ୨୦୨୫ -୨୬ ଶିକ୍ଷାବର୍ଷ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେମୁଖ୍ୟ ଅତିଥି ଭାବେ ଇଟାମାଟି ପଂଚାୟତର ସରପଞ୍ଚ ସ୍ୱପ୍ନେଶ୍ୱରୀ ସେଠି,ସମ୍ମାନିତ ଅତିଥି ଭାବେ ସମାଜ ସେବୀ ନବ କିଶୋର ସାହୁ ଯୋଗ ଦେଇଥିଲେ। ନବୋଦୟ ଆଦର୍ଶ ଓ ବୃତ୍ତି ପରୀକ୍ଷା ରେ ନୟାଗଡ଼ ବ୍ଲକ ଇଟାମାଟି ସ୍ଥିତ ଶ୍ରୀ ଗଜାନନ ଷ୍ଟଡି ପଏଣ୍ଟ ଅଭୁତ ପୂର୍ବ ସଫଳତା ହାସଲ କରିଛି ।ନବୋଦୟ ପରୀକ୍ଷାରେ। ଉକ୍ତ ଅନୁଷ୍ଠାନ ର ଆଦ୍ୟଶା ସେଠୀ, ସାଗରିକା ବଳିଆର ସିଂ ଏବଂ ରିସିକା ଅଗ୍ରୱାଲ ସଫଳତା ହାତେଇ ଥିବା ବେଳେ ୫ମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ସ୍ୱର୍ଣ୍ଣପ୍ରଭା ଆଡ ,ସଞ୍ଜୟ କୁମାର ନାୟକ , ମୋତି ଲାଲ୍ ମହାପାତ୍ର ,ପ୍ରୀତି ପ୍ରାଜ୍ଞା ରାଉତ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।ସେହିଭଳି ଚଳିତ ଶିକ୍ଷା ବର୍ଷ ଆଦର୍ଶ ପରୀକ୍ଷାରେ ଆଦ୍ୟାଶା ସେଠୀ , ରିସିକା ଅଗ୍ରୱାଲ ,ସ୍ୱର୍ଣ୍ଣ। ବିଶ୍ୱାଳ ,ସାଗରିକ ବଳିଆର ସିଂ , ଆଲିଶ। ମହାରଣା ,ରୋହନ ପ୍ରଧାନ ,ଅବିନାଶ ସାହୁ , ସିମ୍ରନ୍ ବିଶ୍ୱାଳ ,ଦେବାଶିଷ ପଲେଇ ,ରୋହନ ଭୂୟାଁ ,ଶୁଭ୍ରାଂଶୁ ସାଲୋନିକା ନାୟକ , ଶୋୟମ୍ ଶେଖର ନାୟକ ,ଜିଜ୍ଞାସା ଆଚାର୍ଯ୍ୟ,ଅନ୍ୱେଷା। ନାୟକ ,ପ୍ରତ୍ୟୁଷ। ଲଗ୍ନା ନାୟକ ଓ ସୋମେଶ ସେଠୀ ଇତ୍ୟାଦି ଛାତ୍ରଛାତ୍ରୀମାନେ କୃତିତ୍ୱ ଅର୍ଜନ କରିଛନ୍ତି ।

# ଅକ୍ଷିତୃତୀୟା ପର୍ବକୁ ଅଣଦେଖା !

ଭାପୁର,୨୦।୪ (ନିପ୍ର); ଜମିରେ ଚାଷ କରିବାର ଅନୁକୂଳ ଦିନ ହେଉଛି ଅକ୍ଷିତୃତୀୟା। କେବଳ ଜମି ନୁହେଁ ବଡ଼ ଠାକୁରଙ୍କ ଘୋଷଯାତ୍ରା ପାଇଁ ରଥକାଠ ମଧ୍ୟ ଅନୁକୂଳ ହୋଇଥାଏ। ଏତେଦବ୍ୟତୀତ, ହିନ୍ଦୁ ନବବର୍ଷର ତୃତୀୟ ଦିନରେ ଏହି ପର୍ବ ପାଳନ ହେଉଥିବାରୁ ମନ୍ଦିର ପ୍ରତିଷ୍ଠା, ଘର ପ୍ରତିଷ୍ଠା, ବ୍ୟବସାୟିକ ଅନୁଷ୍ଠାନ ପ୍ରତିଷ୍ଠା, ଜମି କିଣିବା, ସ୍ୱର୍ଣ୍ଣ ଅଳଙ୍କାର କିଣିବା ଆଦି କାର୍ଯ୍ୟ ଶୁଭ ହୋଇଥାଏ ବୋଲି ଶାସ୍ତ୍ର ବିଦିତ ରହିଛି ତେଣୁ, ଏହାକୁ ସମୃଦ୍ଧିର ଦିନ ବୋଲି ଅଭିହିତ କରାଯାଇଥାଏ। ଏହି ପର୍ବ ବିଶେଷକରୀ କୃଷି ଭିତ୍ତିକ ପର୍ବ ହୋଇଥିବାରୁ ଭାପୁର ବ୍ଲକ ର ପ୍ରତିଟି ଗାଁ ମାନଙ୍କର କୃଷକ ମାନେ ନିଜ କ୍ଷେତକୁ ଅକ୍ଷିମୁଠି ନେଇ ମାଆ ଲକ୍ଷ୍ମୀଙ୍କୁ ଆସନ୍ତା ବର୍ଷ ଭଲ ଧାନ ଅମଳ ପାଇଁ ପୂଜା କରିବା ସହିତ ଧାନ ବୁଣା ଅନୁକୂଳ କରିଥାନ୍ତି ।ପୁରାଣବିଦିତ, ଏହି ଦିନରେ ଜ୍ଞାନ ଓ ବୁଦ୍ଧିର ଠାକୁର ଶ୍ରୀଗଣେଶ ବେଦବ୍ୟାସ ଙ୍କ କଣ୍ଠରେ ବସି ମହାଭାରତ ଲେଖା ଆରମ୍ଭ କରିଥିଲେ। ଏହି ଦିନରେ ତ୍ରେତୟା ଯୁଗ ଆରମ୍ଭ ହୋଇଥିଲା ତେଣୁ, ଅକ୍ଷୟ ତୃତୀୟାକୁ ଏକ ପବିତ୍ର ଦିନ ରୂପେ ଗଣା ହେଉଥିବାବେଳେ ବର୍ତମାନ ଭାପୁର ବ୍ଲକର କୃଷକ ମାନେ ଏହି ପର୍ବ ପାଳନ କରିବାରେ କୁଣ୍ଠାବୋଧ କରୁଥିବା ଦେଖାଯାଉଛି। ଅତୀତରେ, ସରକାରୀ ଭାବେ ବ୍ଲକ ସ୍ତରୀୟ ଅକ୍ଷିମୁଠି କାର୍ଯ୍ୟକ୍ରମ ପାଳନ ହେଉଥିବାବେଳେ ବର୍ତ୍ତମାନ ଗତ ଦୁଇ ବର୍ଷ ହେଲା ବନ୍ଦ ହୋଇଗଲାଣି କେବଳ ଜିଲ୍ଲାସ୍ତରୀୟ ପାଳନ କରାଯାଉଛି ଫଳରେ, ବ୍ଲକ କୃଷି ବିଭାଗ ର ଆନ୍ତରିକତା ଅଭାବରୁ ଭାପୁର ବ୍ଲକର କୃଷକମାନେ ଏହି କୃଷିଭିତ୍ତିକ ପର୍ବକୁ ଅଣଦେଖା କରୁଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଆଦିବାସୀଙ୍କୁ ରୋଜଗାର ଯୋଗାଉଛି ସୂର୍ଯ୍ୟମୁଖୀ ଚାଷ

ରାୟଗଡା,୨୦।୪(ନିପ୍ର):ଆଦିବାସୀ ଅଧ୍ୟୁଷିତ ରାୟଗଡା ରାୟଗଡା ଜିଲାରେ ରୋଜଗାର ମାଧ୍ୟମ ପାଲଟିଛି ସୂର୍ଯ୍ୟମୁଖୀ ଫସଲ । ଧାନ ଓ ଅନ୍ୟ ଚାଷ ସରିବା ପରେ ସନ୍ତସନ୍ତିଆ ଜମିରେ ସମୟ ଆସିଲେ ଆଗ୍ରହରେ ଏକତ୍ରିତ ହୋଇ ଗ୍ରାମର ଓ ଗ୍ରାମ ନିକଟରେ ଥିବା ଜମି ଓ ପଡିଆରେ ଚାଷ କରି ଗଛକୁ ସୁରକ୍ଷା ଦେବା ଶହ କାହାରିକୁ ପାଟି ମାରିବାକୁ ଦିଅନ୍ତିନି ଚାଷ କରୁଥିବା ଚାଷୀ ମାନେ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର, କୋଲନାରା, ରାମନାଗୁଡ଼ା ଏବଂ ଗୁଣପୁର ବ୍ଲକରେ। ବ୍ଲକର ପ୍ରତି ଗ୍ରାମରେ ଥିବା ସନ୍ତସନ୍ତିଆ ଜମି ଗୁଡାକୁ ଚାଷ କରିଥାନ୍ତି। ଚାଷରେ ଅମଳ ହେବା ସମୟରେ ଗୋରୁ ପକ୍ଷୀଙ୍କ ଦାଉରୁ ରକ୍ଷା ପାଇଁ ସକାଳୁ ସକାଳୁ ଜଗି ଥାନ୍ତି। ପ୍ରଥମେ ସୁରକ୍ଷା ଦେବାପରେ ବସନ୍ତ ଓ ଗ୍ରୀଷ୍ମ ଋତୁ ଆସିଲେ ଗ୍ରାମବାସୀ ପୁରୁଷ ଓ ମହିଳା ଏକତ୍ରିତ ହୋଇ ତୋଳିଥାନ୍ତି। ସୂର୍ଯ୍ୟମୁଖୀ ଫସଲକୁ ତୋଳି ଶୁଖାଇ ତୋଳି ବସ୍ତାନୀରେ



ଭର୍ତ୍ତିକରି ନିଜ ଘରେ ରଖିଥାନ୍ତି। ତୋଳିବା ଶେଷ ହେବାପରେ ପୁଣି ଏକତ୍ରିତ ହୋଇ ମଞ୍ଜି ବାହାର କରି ଶୁଖାଇ ରଖିଥାନ୍ତି। ପରେ ବେପାରୀଙ୍କୁ ମୂଲ୍ୟ ଧାର୍ଯ୍ୟକରି ବିକ୍ରି କରିଥାନ୍ତି ଓ ନିଜ ଘର ପାଇଁ ବର୍ଷକରେ ବ୍ୟବହାର ହେବାକୁ ଥିବା ତେଲ ମିଲିଙ୍ଗ କରି ରଖନ୍ତି ଓ କିଛି ବିକ୍ରି କରିଥିବା ମଞ୍ଜି ଓ ତେଲର ଟଙ୍କାକୁ ପରିବାର ପାଇଁ କିଛି ଦିନ ଭରଣ ପୋଷଣ ହୋଇ ଯାଉ ଥିବାରୁ କାହାରି ଉପରେ ନିର୍ଭର କରନ୍ତି ନାହିଁ। ଏହି ଚାଷ କରିବା ପାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଚାଷୀଙ୍କୁ ସରକାରୀ ସହାୟତା ମଞ୍ଜି, ସାର, କୀଟନାସକ ଔଷଧ ଭଳି ଅନେକ ସୁବିଧା ଯୋଗାଇ ଦେଉଥିବାରୁ ଅଧିକ ଚାଷ କରିବା ପାଇଁ ମନ ବଳାଉ ଥିବାରୁ ଅଞ୍ଚଳରେ ଅଧିକ ସୂର୍ଯ୍ୟମୁଖୀ ଚାଷ କରିବା ପାଇଁ ଆଗ୍ରହପ୍ରକାଶ କରୁଥିବା ଦେଖିବାକୁ ମିଳିଛି ।କିନ୍ତୁ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନା ନାହିଁ କି ଚାଷୀଙ୍କ ଠାରୁ ଉଚିତ ମୂଲ୍ୟରେ ମଞ୍ଜି କ୍ରୟ କରି ସରକାରଙ୍କ ପକ୍ଷରୁ ଠିକ ସମୟରେ ମୂଲ୍ୟ ପ୍ରଦାନ କରାଗଲେ ଅଧିକ ଚାଷୀ ଆଗ୍ରହ ପ୍ରକାଶ କରିବେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏହି ସୂର୍ଯ୍ୟମୁଖୀ ଚାଷ ଗୁଣପୁର ବ୍ଲକର କେତେକ ଅଞ୍ଚଳରେ କରାଯାଉଥିବା ବେଳେ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଚାଷ କରାଯାଉଥିବା ଦେଖିବାକୁ ମିଳେ।

# ରାଉରକେଲାରେ ଉଦ୍ଘାଟିତ ମ୍ୟାକ୍ ପାନାରୋମା ହେଲଥ୍ ହବ୍

ରାଉରକେଲା,୨୦।୪ (ନିପ୍ର): ରାଉରକେଲା ସହରର ତାରିଣୀ ମନ୍ଦିର ସମ୍ମୁଖ ସିଭିଲ୍ ଟାଉନସିପ୍ ପ୍ଲଟ ଓ କମ୍ପ୍ଲେକ୍ସ ନମ୍ବର ୪ ଓ ୫ରେ ଉଦ୍ଘାଟିତ ହୋଇଯାଇଛି ମ୍ୟାକ ପାନାରୋମାଏକ୍ସମ୍ ସଲ୍ୟୁସନର 'ମ୍ୟାକ୍ ପାନୋରୋମା ହେଲଥ୍ ହବ୍'। ମ୍ୟାକ୍ ପାନାରୋମା ହେଲଥ୍ ହବ୍ ଉଦ୍ଘାଟନ ହେବା ଦ୍ୱାରା ରାଉରକେଲା ତଥା ସୁନ୍ଦରଗଡ଼ର ଜନସାଧାରଣ ସ୍ୱାସ୍ଥ୍ୟଗତ ପରୀକ୍ଷା ପାଇଁ ଆଉ ବାହାରକୁ ଯିବାକୁ ପଡ଼ିବନାହିଁ ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଆଜି ମ୍ୟାକ୍ ପାନାରୋମା ହେଲଥ୍ ହବ୍ ପକ୍ଷରୁ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ମ୍ୟାକ୍ ପାନାରୋମା ହେଲଥ୍ ହବକୁ ଉଦ୍ଘାଟନ କରିଥିଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ । ଏଥିସହିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ବଣେଇ ରାଜା ଯୋଗଦେଇ ମ୍ୟାକ୍ ପାନାରୋମା ହେଲଥ୍ ହବ୍ର ଡାୟାଲିସିସ୍, ଏଣ୍ଡୋସ୍କୋପି, ରେଡିଓଲୋଜି, ଇସିଜି ବିଭାଗ ପରିଦର୍ଶନ କରିବା ସହିତ ରୋଗୀ ସୁବିଧା ବିଷୟରେ ପଚାରି ବୁଝିଥିଲେ।

# ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ

ପାରଳାଖେମୁଣ୍ଡି,୨୦।୪ (ନିପ୍ର): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ବି.ଏନ୍ ପେଲେଶ ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନିକଟସ୍ଥ ଚାଷ ଜମିରେ ପାରମ୍ପରିକ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ଓ ଭୂମିପୂଜନ କାର୍ଯ୍ୟକ୍ରମ କରାଯାଇ ଅଖି-ମୁଠି ଅନୁକୂଳ କରା ଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି । ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ଏମ ପ୍ରକାଶ ରାଓ, କୃଷି ଜିଲ୍ଲା ଅଧିକାରୀ ପାରଳାଖେମୁଣ୍ଡି ରବୀନ୍ଦ୍ର କୁମାର ଆଡ଼େକ, କୃଷି ଜିଲ୍ଲା ଅଧିକାରୀ ଆର୍ ଉଦୟଗିରି ବିଏନ ମଙ୍ଗରାଜ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଗଜପତି ସୁରେଶ କୁମାର ପଟ୍ଟନାୟକ ପ୍ରମୁଖ ଏଥିରେ ଯୋଗଦେଇ ଚାଷ ଜମିରେ ଧାନ ବୁଣିବା ସହ ଜମିରେ ହଳ ଲଙ୍ଗଳ ବୁଲାଇ ଥିଲେ ।

# 'ବରିଷ୍ଠ ନାଗରିକଙ୍କ ଅନୁଭବ ସମାଜର ବିକାଶ କରିବ'

ପୁରୀ,୨୦।୪ (ନିପ୍ର): ବରିଷ୍ଠ ନାଗରିକ ମାନେ ଅଲୋଡା ନୁହନ୍ତି। ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ସମାଜକୁ ବିକାଶ ଓ ସମୃଦ୍ଧି ପଥରେ ମାର୍ଗଦର୍ଶନ କରାଇଥାଏ ବୋଲି କହିଛନ୍ତି ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ସର୍ବୋଦୟ ନଗର ଶିରିଡି ସାଇ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଷଡ଼ଙ୍ଗୀ ବରିଷ୍ଠ ନାଗରିକ ମାନଙ୍କର ସଂଗଠନ ପ୍ରତିଷ୍ଠା ଦ୍ୱାରା ସେମାନଙ୍କ ପାରସ୍ପରିକ ସହଯୋଗ, ଭାବର ଆଦାନ ପ୍ରଦାନ, ସମନ୍ୱୟ ଓ ସେବା ମନୋଭାବ ବୃଦ୍ଧି ପାଉଛି। ଏହା ଏକ ସୁନ୍ଦର ପଦକ୍ଷେପ।ଏକ ହେ,ଚୋ ସେଫ୍ ହେ ବୋଲି ସେ କହିବା ସହ ବରିଷ୍ଠମାନଙ୍କୁ ସୁରକ୍ଷା, ସେମାନଙ୍କ ଆବଶ୍ୟକତା,ସେମାନଙ୍କ ସଂଗଠନ ପାଇଁ ଗୃହ, ମନ୍ଦିର ଦର୍ଶନ ପାଇଁ ଦାବି ଇତ୍ୟାଦି



ସମ୍ପର୍କରେ ବ୍ୟବସ୍ଥା କରାଯିବ ବୋଲି ମତ ଦେଇଥିଲେ।ମୁଖ୍ୟ ବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାର ବିବିଧ ବ୍ୟବସ୍ଥା କରିଛନ୍ତି। ସେମାନେ ମଧ୍ୟ ସଂଘ ମାଧ୍ୟମରେ ସେମାନଙ୍କ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କରି ଖୁସି ଅନୁଭବ କରୁଛନ୍ତି।ସେମାନଙ୍କ ବିଭିନ୍ନ ଆବଶ୍ୟକତାକୁ ପର୍ଯ୍ୟାୟକ୍ରମେ ପୂରଣ କରାଯାଉଛି ବୋଲି ସେ କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଅରବିନ୍ଦ ଶତପଥୀ, ରବିନ ଦାସ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ତ୍ୟାଗ, ପରୋପକାର, ଦାୟିତ୍ୱ, କର୍ତ୍ତବ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।

ଅନୁଷ୍ଠାନର ସଭାପତି ରବି ନାରାୟଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ କୃତିବାସ କାମଲା ବାର୍ଷିକ ବିବରଣୀ ପାଠ ଓ ପ୍ରଫେସର ଡ. ମନୋଜ ସାମନ୍ତରାୟ ସ୍ୱାଗତ ଭାଷଣ ଏବଂ ମଞ୍ଚ ସଂଚାଳନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ପୁଞ୍ଜ, ମୁଖ୍ୟ ପରାମର୍ଶ ଦାତା ଭୀମସେନ୍ ପଣ୍ଡା, କୋଷାଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ, ସହକାରୀ ସମ୍ପାଦକ ଗୋପୀନାଥ ମହାନ୍ତି, ନିରଂଜନ ଦାସ,ଦୀପକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ରେ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଜୀବନ ସଦସ୍ୟ ପ୍ରଫେସର. ପ୍ରଭାତ ରଂଜନ ମହାପାତ୍ର, ସୁଧାକର ପ୍ରଧାନ, କଳ୍ପନା ପ୍ରଧାନ, ସୁରେନ୍ଦ୍ର ପରିଡା,ହର ପ୍ରସାଦ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସୁରେଶ କୁମାର ମୁନି, ଜଗବନ୍ଧୁ ରଥ,ବିଭୁତି ଭୂଷଣ ପଟ୍ଟନାୟକ, ବିଶ୍ୱନାଥ ମିଶ୍ର, ଅଭିମନ୍ୟୁ ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ସୁନୀଲକାନ୍ତ ମହାନ୍ତି ଗଜପତି ଜିଲ୍ଲାର ଏସ୍‌ପି

ପାରଳାଖେମୁଣ୍ଡି,୨୦।୪ (ନିପ୍ର): ଗଜପତି ଜିଲ୍ଲାର ଭାରପ୍ରାପ୍ତ ଏସ୍ ପି ଭାବେ ଅତିରିକ୍ତ ଏସ୍ ପି ସୁ ନୀଲକାନ୍ତ ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଗତ ମାର୍ଚ୍ଚ ମାସରେ ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କ ଅବସର ପରେ ବ୍ରହ୍ମପୁର ଏସ୍ ?ପି ସର୍ବଣା ବିବେକ ଏମ୍‌ଙ୍କୁ ଗଜପତି ଦାୟିତ୍ୱ ଦିଆଯାଇଥିଲା ଓ ପଶ୍ଚିମବଙ୍ଗରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଡ. ସର୍ବଣାବିବେକ ଏମ୍ ଏସପି ପର୍ଯ୍ୟବେକ୍ଷକ ଭାବେ ନି ଯୁକ୍ତ ହୋଇଥିବାରୁ ଏହି ପଦରେ ଅତିରିକ୍ତ ଶ୍ରୀ ମହାନ୍ତି ଗତକାଲି ଠାରୁ ଏସପି ଭାବେ ଦାୟିତ୍ୱ ଦିଆଯାଇ ଥିବା ଜଣାପଡିଛି।

# ଓଡ଼ିଶା ଅବସରପ୍ରାପ୍ତ ସରକାରୀ ସଂଘ କର୍ମଶାଳା

ପାରଳାଖେମୁଣ୍ଡି,୨୦।୪ (ନିପ୍ର): ପାରଳାଖେମଣ୍ଡି ଓଡ଼ିଶା ଅବସର ପ୍ରାପ୍ତ କମଚାରୀ ସଂଘ ଗଜପତି ଶାଖା ଆନୁକୂଲ୍ୟରେ ଆୟୋଜିତ ଜରୁରୀ ବୈଠକ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଅନୁଷ୍ଠିତ ସଭାପତି ଅଶ୍ୱିନୀ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇସାରିଛି ପ୍ରାରମ୍ଭରେ ଅନୁଷ୍ଠାନର ଉପସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା କାର୍ଯ୍ୟସୂଚୀର ପ୍ରାକ୍ ସୂଚନା ଦେବାପରେ ଦିବଙ୍ଗତ ବରିଷ୍ଠ ନାଗରିକ ଅରକ୍ଷିତ ଜେନା, ରଘୁନାଥ ପାଢ଼ୀ, ନରସିଂହ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଚଳିତ ମାସ ୨୧ ତାରିଖ ଦିନ ୭ଟି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଦଫା ଦାବି ସଂପର୍କରେ ସ୍ମାରକପତ୍ର ପ୍ରଦାନ କରାଯିବ । ମେ ୧୩/୧୪ ତାରିଖରେ ଭୁବନେଶ୍ୱର ଚାଲ ଅଭିଯାନ ମଧ୍ୟ ହେବା ବରିଷ୍ଠ ନାଗରିକ ଯୋଗେନ୍ଦ୍ର ପଣ୍ଡାଙ୍କ ମତାନୁଯାଇ ବାଇପାସ୍ ଅଧପନ୍ତରିଆ କାମ ଏବଂ ପାରଳାର ମୁଖ୍ୟ ବଜାର ଓ ପାର୍ଶ୍ୱରାସ୍ତାରେ ବାରମ୍ବାର ପରିବା,ଫୁଲ ନଡ଼ିଆ, ପ୍ରଭୃତି ବେପାରୀଙ୍କ ଜବର ଦଖଲ, ଯାନବାହନର ଭିଡ଼ସହ ଗୋରୁଗାଇ, ଷଣ୍ଢ କୁକୁରଙ୍କ ପ୍ରାଦୁର୍ଭାବ ବରିଷ୍ଠ ନାଗରିକମାନଙ୍କୁ ଅଜସ୍ର ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସମାଧାନ ଦାବି କରାଯାଇଥିଲା ।

## ବାମଣ୍ଡା ସାହିତ୍ୟ ସଂସ୍କୃତି ପରିଷଦର ସାମ୍ବତ୍ସରିକ ଉତ୍ସବ

# ଗୁଦ୍‌ଗୁଦାକୁ ପାଠ୍ୟ ପୁସ୍ତକରେ ସ୍ଥାନିତ କରିବା ଦାବି

କୁଚିଣ୍ଡା,୨୦।୪(ନିପ୍ର):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆଦିବାସୀ ଭବନସ୍ଥିତ ବାଳମତି ଦେହୁରୀ ସମ୍ମିଳନୀ କକ୍ଷରେ ରବିବାର ପ୍ରାକ୍ତନ ବାମଣ୍ଡା ସାହିତ୍ୟ ସଂସ୍କୃତି ପରିଷଦର ଦ୍ୱିତୀୟ ସାମ୍ବତ୍ସରିକ ଉତ୍ସବ ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଅବସରପ୍ରାପ୍ତ ତହସିଲଦାର ମୁରଲିଧର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ମୁଖ୍ୟଅତିଥି,ବିଶ୍ୱବିଖ୍ୟାତ ରଙ୍ଗବତୀ ଗୀତର ରଚୟିତା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ସ୍ୱତନ୍ତ୍ରଅତିଥି, ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା,ଡା. ସତ୍ୟପ୍ରକାଶ ଦୋରା, ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫୁଲ୍ଲ ମହାପାତ୍ର, ଅଲେଖ ମହିମାପୀଠର ଶେଷଦେବ ବାବା, ମମତା କୁମାରୀ ସୁଆର, ପଶ୍ଚିମ ଓଡ଼ିଶା କଳାକାର ସଂଘ ସଭାପତି ମୁରଲିଧର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ବାମଣ୍ଡା ଐତିହ୍ୟ ଓ ସଂଗ୍ରାମ ସମ୍ପର୍କରେ ଆଲୋଚନା କରି ଦେବଗଡର ପଧାନପାଟକୁ ପିଲାଙ୍କ ପାଠ୍ୟ ପୁସ୍ତକରେ ସ୍ଥାନ କରାଥିବାରୁ ସ୍ୱାଗତ କରିବାସହ ସରକାର ସମ୍ବଲପୁର ଜିଲ୍ଲାର ଗୁଦଗୁଦାକୁ ମଧ୍ୟ ଅନୁରୂପ ଭାବେ ସାମିଲ କରିବାକୁ ଦାବି କରିଥିଲେ। ଏହି ଅବସରରେ ପ୍ରଥମ ପ୍ରାକ୍ତନ ବାମଣ୍ଡା ରାଜ୍ୟସ୍ତରୀୟ କବି ସମ୍ମିଳନୀର ଆବାହକ ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକଙ୍କୁ



ବାମଣ୍ଡା ମଣି ସମ୍ମାନ କରିବା ସହ ନବ ନିଯୁକ୍ତ ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି ଭଗିନ୍ଦ୍ର କିଷାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରାଧାକୃଷ୍ଣ ସାହିତ୍ୟ ସଂସଦ ସମ୍ପାଦକ ବିପିନ ବିହାରୀ ପୃଷ୍ଟିଙ୍କ ସଂଯୋଜନାରେ ଓଡ଼ିଶାର ଖୋର୍ଦ୍ଧା, କଟକ,ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର ଆଦି ଜିଲ୍ଲାରୁ ଆସିଥିବା କବି, ଅଧାପକ ରୁଦ୍ରନାରାୟଣ ମିଶ୍ର, ବସନ୍ତ ଚୌଧୁରୀ, ସୌଭାଗ୍ୟ ପାତ୍ର, ତ୍ରୈଲୋକ୍ୟ ମହାପାତ୍ର,ପ୍ରେମସାଗର ଦେହେରିଆ, ବନମାଳୀ ନାମଦେଓ,ସୁସ୍ମିତା ପଟେଲ,ଇନ୍ଦୁ ମିଶ୍ର, ତୁଳସୀ ମଞ୍ଜରୀ ବହିଦାର,ନନ୍ଦିନୀ ନାୟକ,ରୂପାନନ୍ଦ ଜୟପୁରିଆ, ରମାକାନ୍ତ ସାହୁ,ସଞ୍ଜୟ ମହେରନା,ଶରତ ତନ୍ତୀ,ଅନାଦି ଚରଣ ସାହୁ,ସନ୍ତୋଷ ଉପାଧ୍ୟାୟ,ବଂଶୀଧର ପଶାୟତ, ଡ଼ା.ଜ୍ୟୋତ୍ସ୍ନା ପଧାନ,ତନୁଶ୍ରୀ ସେଠ,ପ୍ରଦୀପ ସାହୁ, ପ୍ରମୋଦ ନାଏକ,କୀର୍ତ୍ତି ବହିଦାର, ରବୀନ୍ଦ୍ର ଦାସ, ନରେନ୍ଦ୍ର କୁମାର ନାଥ ,ପ୍ରଦୀପ୍ତ ପଟେଲ,ନୀନ ପଟେଲଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସାମିଲ ହୋଇଥିଲେ।ଶେଷରେ ପ୍ରମୋଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ନଦୀ ଘାଇକୁ ଭାଙ୍ଗିଲେ ବାଲି ମାଫିଆ,ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ

ଆସିକା,୨୦।୪ (ନିପ୍ର): ଆସିକା ସହରରେ ପାନୀୟ ଜଳ ସମସ୍ୟାକୁ ଦେଖି ଆସିକା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁନାମ୍ବ ସାହି ସ୍ଥିତ ଋଷିକୂଲ୍ୟା ନଦୀର ଜଳକୁ ଘେରି ବନ୍ଧ କରି ନଦୀ ଜଳକୁ ସଂରକ୍ଷିତ କରାଯାଇଥିଲା କାରଣ ଭୀଷଣ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଆସିକା ଭୁତଳ ଜଳ ସ୍ତର କମିଯିବା ଯୋଗୁଁ ସହରକୁ ଜଳ ଯୋଗାଣ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ଜନସାଧାରଣଙ୍କ ଦାବି ପରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଋଷିକୂଲ୍ୟା ନଦୀରେ ଗତ ଶନିବାର ବିଭାଗ ପକ୍ଷରୁ ଋଷିକୂଲ୍ୟା ନଦୀର ଜଳକୁ ଘେରି ବନ୍ଧ କରି ନଦୀ ଜଳକୁ ସଂରକ୍ଷିତ କରାଯାଇଥିଲା। ଯାହାଦ୍ୱାରା ଜନସାଧାରଣଙ୍କ ଜଳକଷ୍ଟ କିଛି ମାତ୍ରାରେ ଦୂର ହୋଇଥାନ୍ତା। ସକାଳେ ବିଭାଗ ଦ୍ୱାରା ଘେରି କରାଯାଇଥିଲା । କିନ୍ତୁ ରାତ୍ରରେ ଟ୍ରାକ୍ଟରରେ ବାଲି ନେଉଥିବା ବାଲି ମାଫିଆ ମାନେ ଉକ୍ତ ଘେରି ବନ୍ଧକୁ ଭାଙ୍ଗି ଦେଇ ବାଲି ଚୋରା ଚାଲାଣ କରିଥିଲେ ଫଳରେ ନଦୀର ଘେରି ମଧ୍ୟରେ ଥିବା



ଜଳ ଚାଲି ଯାଇଥିଲା ତେଣୁ ରବିବାର ଆସିକା ସହରକୁ ଜଳ ଯୋଗାଣ ଠପ ହୋଇଯାଇଛି। ପ୍ରକାଶ ଥାଉକି ଏଥି ପୂର୍ବରୁ ସୁନାମ୍ବ ସାହି ମଶାଣି ନିକଟରୁ ବାରମ୍ବାର ବାଲି ଚୋରା ଚାଲାଣ ହେଉଥିଲା । ତେଣୁ ଆସିକା ପୌର ପରିଷଦ ପକ୍ଷରୁ ଉକ୍ତ ନଦୀକୁ ଯିବା ରସ୍ତାକୁ ପାହାଚ କରି ବନ୍ଦ କରି ଦିଆଯାଇଥିଲା । କିନ୍ତୁ ଶେଷରେ ସବୁ ସୀମା ପାର କରି ପ୍ରଶାସନ କୁ ଖୋଲା ଚ୍ୟାଲେଞ୍ଜ କରି ମାଫିଆ ମାନେ ଉକ୍ତ ପାହାଚକୁ ଭାଙ୍ଗି ନଦୀ ହୁଡ଼ା କାଟି ରୀତିମତ ଟ୍ରାକ୍ଟରରେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରି ନେଉଛନ୍ତି। ହେଲେ ପରିତାପର ବିଷୟ ସମୂହ ସ୍ୱାର୍ଥ କୁ ଖାତିର ନକରି ଅମାନୁଷିକ ଭାବେ ଯେ ଭଳି ଭାବେ ଗତ କାଲି ରାତିରେ ବାଲି ଚୋରା ଚାଲାଣ କରିବା ପାଇଁ ଜଳ ଘେରିକୁ ମାଫିଆମାନେ କାଟିଛନ୍ତି ଏହାରଉଚ୍ଚ ସ୍ତରୀୟ ତଦନ୍ତ କରିବା ସହିତ ଦୋଷୀକୁ ଉଚିତ ଦଣ୍ଡ ଦେବା ସହ ଉକ୍ତ ଅଞ୍ଚଳକୁ ନିଷିଧାଞ୍ଚଳ ଘୋଷଣା କରିବା ପାଇଁ ଆସିକା ବାସୀ ଦାବି କରିଛନ୍ତି।

ମାଫିଆ ମାନେ ଉକ୍ତ ନଦୀ ବନ୍ଧକୁ ଭାଙ୍ଗିଦେବା ଫଳରେ ଜଳ ଯୋଗାଣ ବାଧା ପ୍ରାପ୍ତ ହୋଇଛି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଘରୋଇ ପାନୀୟ ଜଳ ଯୋଗାଣରେ ବାଧା ପ୍ରାପ୍ତ ବର୍ତ୍ତମାନ ପରିସ୍ଥିତି ରେ ଲୋକଙ୍କ ଦୁଇ ଗୁଣ ଦୁଃଖ ବଢ଼ି ଯାଇଥିବା ଲକ୍ଷ୍ୟ କରାଯାଉଛି। ବାଲି ମାଫିଆଙ୍କ ଆତଙ୍କରାଜ ଦିନକୁ ଦିନ ବଢ଼ିବାରେ ଲାଗିଛି। ବାଲି ମାଫିଆଙ୍କ ବିରୋଧରେ ଜନ ଆନ୍ଦୋଳନ ହେବାକୁ ଯାଉଥିବାର ଚର୍ଚ୍ଚ ହେଉଛି।

## ନେତାଜୀଙ୍କୁ ରାଷ୍ଟ୍ରପୁତ୍ର ଘୋଷଣା କରାଯାଉ

# ଆବେଦନ ଖାରଜ: ଜରିମାନା ଚେତାବନୀ ଦେଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ,୨୦।୪: ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜ ଭାରତକୁ ସ୍ୱାଧୀନତା ପ୍ରଦାନ କରିଥିଲା ବୋଲି ଘୋଷଣା କରିବାକୁ ଦାୟର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଆବେଦନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ 'ରାଷ୍ଟ୍ରପୁତ୍ର' ଘୋଷଣା କରିବା ଏବଂ ୨୧ ଅକ୍ଟୋବର ୧୯୪୩ ଆଇଏନଏର ପ୍ରତିଷ୍ଠା ଦିବସ ଏବଂ ୨୩ ଜାନୁଆରି ୧୮୯୭ ତାଙ୍କ ଜନ୍ମବାର୍ଷିକୀକୁ ଜାତୀୟ ଦିବସ ଭାବରେ ପାଳନ କରିବାକୁ ମଧ ଦାବି କରାଯାଇଥିଲା। ସିଜେଆଇ ଏହି ଆବେଦନକୁ ମଧ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କରେ ସମାନ ଆବେଦନକାରୀଙ୍କ ଦ୍ୱାରା ଦାୟର କରାଯାଇଥିବା ସମାନ ଜନସ୍ୱାର୍ଥ ମାମଲାକୁ କୋର୍ଟ ପୂର୍ବରୁ ଖାରଜ କରିସାରିଛନ୍ତି । ସେତେବେଳେ, ସର୍ବୋଚ୍ଚ ଅଦାଲତ ମନ୍ତବ୍ୟ ଦେଇଥିଲେ ଯେ, ଏପରି ପ୍ରସଙ୍ଗ ନ୍ୟାୟିକ ସମୀକ୍ଷା ପରିସର ବାହାରେ ଏବଂ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଉଠାଇହେବ। ସୋମବାର ସୁପ୍ରିମକୋର୍ଟ ନିଜର ଅସନ୍ତୋଷ ପ୍ରକାଶ କରି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ କରି ପୂର୍ବ ରାୟ ସତ୍ତ୍ୱେ, ଆବେଦନକାରୀ କେବଳ ପ୍ରଚାର ଏବଂ ପ୍ରସିଦ୍ଧି ପାଇବା ପାଇଁ ଆବେଦନକୁ ପୁନଃ ଦାଖଲ କରିଥିବା କହିଛନ୍ତି। ଭବିଷ୍ୟତରେ ଏପରି ଅଯଥା ଆବେଦନ ଦାଖଲ କରିବା ନେଇ ସିଜେଆଇ ଆବେଦନକାରୀଙ୍କୁ ଚେତାବନୀ ଦେଇ ଏପରି କଲେ ଜରିମାନା ଲାଗୁ କରିବାକୁ ଚେତାବନୀ ଦେଇଛନ୍ତି। ସମାନ ପ୍ରସଙ୍ଗରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଉ କୌଣସି ପିଆଇଏଲ୍ ବିଚାର ନକରିବାକୁ କୋର୍ଟ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି।

# ସାଉଦି ଆରବ ଗସ୍ତରେ ଏନଏସ୍ଏ ଅଜିତ ଡୋଭାଲ

## ଦ୍ୱିପାକ୍ଷିକ ସମ୍ପର୍କ, ଆଞ୍ଚଳିକ ପରିସ୍ଥିତି ଉପରେ କଲେ ଆଲୋଚନା





ନୂଆଦିଲ୍ଲୀ, ୨୦।୨: ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସାଉଦି ଆରବ ଗସ୍ତରେ ରବିବାର ଦିନ ରିୟାଦରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ତାଙ୍କୁ ଭାରତର ରାଷ୍ଟ୍ରଦୂତ ଡଃ. ସୁହେଲ ଖାନ ଏବଂ ସାଉଦି ଆରବର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ରାଜନୈତିକ ବ୍ୟାପାର ଉପମନ୍ତ୍ରୀ ମହାମହିମ ଡଃ. ସାଉଦ ଅଲ-ସତୀ ସ୍ୱାଗତ କରିଥିଲେ ।ସାଉଦି ଆରବରେ ଥିବା ଭାରତୀୟ ଦୂତାବାସ 'ଏକ୍ସ' ରେ ସୂଚନା ଦେଇଥିଲା ଯେ, ଅଜିତ ଡୋଭାଲ ୧୯ ଅପ୍ରେଲରେ ରିୟାଦକୁ ଏକ ସରକାରୀ ଗସ୍ତ କରିଥିଲେ । ଏହାପରେ ସେ ସାଉଦି ଆରବର ଶକ୍ତି ମନ୍ତ୍ରୀ ପ୍ରିନ୍ସ ଅବଦୁଲାଜିଜ୍ ବିନ୍ ସଲମାନ୍, ବୈଦେଶିକ ବ୍ୟାପାର ମନ୍ତ୍ରୀ ପ୍ରିନ୍ସ ଫୈଜଲ୍ ବିନ୍ ଫର୍ହାନ୍ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଡଃ. ମୁସାଏଦ୍ ଅଲ୍-ଏବାନଙ୍କୁ ଭେଟିଥିଲେ ।ଏହି ବୈଠକରେ ଉଭୟ ପକ୍ଷ ଭାରତ-ସାଉଦି ଆରବ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପଶ୍ଚିମ ଏସିଆରେ ଚାଲିଥିବା ବିବାଦ, ଆଂଚଳିକ ପରିସ୍ଥିତି ଏବଂ ପାରସ୍ପରିକ ସ୍ୱାର୍ଥ ସହିତ ଜଡ଼ିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ ଆଲୋଚନା ହୋଇଥିଲା ।

## ଜାପାନରେ ଭୂକମ୍ପ ଝଟକା; ସୁନାମି ଚେତାବନୀ ଜାରି

ଟୋକିଓ,୨୦।୪: ଜାପାନରେ ପୁଣି ଥରେ ଏକ ଭୟଙ୍କର ଭୂକମ୍ପ ହୋଇଛି। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୭.୪ ରେକର୍ଡ କରାଯାଇଛି । ରିପୋର୍ଟ ଅନୁଯାୟୀ, ଉତ୍ତର ଜାପାନର ଉପକୂଳରେ ଏହି ଭୂକମ୍ପ ଘଟିଛି। ଏହାକୁ ସାମ୍ପ୍ରତିକ ସମୟରେ ଏହି ଅଞ୍ଚଳରେ ହୋଇଥିବା ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଛି । ଭୂକମ୍ପ ପରେ ସୁନାମି ଚେତାବନୀ ଜାରି କରାଯାଇଛି । ରିପୋର୍ଟ ଅନୁଯାୟୀ, ଉତ୍ତର ଜାପାନର ସାନରିକୁ ଉପକୂଳ ନିକଟରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଥିଲା। ଏହି ଭୂକମ୍ପ ସମୁଦ୍ରକୂଳରେ ଘଟିଥିଲା। ସ୍ଥାନୀୟ ସମୟ ପ୍ରାୟ ଅପରାହ୍ନ ୪:୫୩ ସମୟରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ସମୁଦ୍ରତଟ ତଳେ ପ୍ରାୟ ୧୦ କିଲୋମିଟର (୬ ମାଇଲ) ଗଭୀରତାରେ ଅବସ୍ଥିତ ଥିଲା। ଜାପାନର ସାର୍ବଜନୀନ ପ୍ରସାରକ, ଏନଏଚକେ ରିପୋର୍ଟ କରିଛି ଯେ ଏହି ଅଞ୍ଚଳରେ ୩ ମିଟର (୧୦ ଫୁଟ) ଉଚ୍ଚତା ପର୍ଯ୍ୟନ୍ତ ସୁନାମି ଆସିବାର ଆଶଙ୍କା ରହିଛି ଏବଂ ଏହା ଖୁବ୍ ଶୀଘ୍ର ଏହି ଅଞ୍ଚଳକୁ ପ୍ରଭାବିତ କରିପାରେ । ସୁନାମି ସତର୍କତା ଜାରି କରାଯାଇଛି ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ବାସିନ୍ଦାଙ୍କୁ ସତର୍କ ରହିବାକୁ ଏବଂ ଉଚ୍ଚ ଭୂମିକୁ ଯିବାକୁ ପରାମର୍ଶ ଦେଇଛନ୍ତି।

## ବାଂଲାଦେଶରେ ତେଲ ଦର ବଢ଼ିଲା

ଢାକା,୨୦।୪: ମଧପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଅଶୋଧିତ ତୈଳ ଦର ମହଙ୍ଗା ହୋଇଥିବାରୁ ବାଲାଂଦେଶରେ ପେଟ୍ରୋଲ ଓ ଡିଜେଲ ଦରରେ ବୃଦ୍ଧି ଘଟିଛି। ପେଟ୍ରୋଲ ଦର ଲିଟର ପିଛା ୧୩୫ ଟାକା (ବାଂଲାଦେଶ ମୁଦ୍ରା) ହୋଇଛି ଯାହା ପୂର୍ବରୁ ୧୧୬ ଟଙ୍କା ଥିଲା। ସେହିପରି ଡିଜେଲ ଲିଟର ୧୧୫ ଟାକା ଓ କିରାସିନି ଲିଟର ୧୩୦ ଟାକା ରହିଛି। ଅଶୋଧିତ ତେଲ ଦର ମହଙ୍ଗା ହେବା ପରେ ଦର ବଢ଼ାଇବା ବ୍ୟତୀତ ଅନ୍ୟ କୌଣସି ବାଟ ନଥିଲା ବୋଲି ବାଂଲାଦେଶର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେଲ ଦରକୁ ନେଇ ବ୍ୟାପକ ଗୁଜବ ପ୍ରଚାର ହେଉଥିବାରୁ ପେଟ୍ରୋଲ ପମ୍ପଗୁଡ଼ିକରେ ଗ୍ରାହକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ସରକାର କହିଛନ୍ତି ଯେ ଆତଙ୍କିତ ହୋଇ ଲୋକମାନେ ଅଧିକ ତେଲ କିଣୁଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଭାରତ ଭଳି ବାଂଲାଦେଶ ମଧ ତେଲ ପାଇଁ ଆମଦାନି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଇରାନ ଯୁଦ୍ଧ ପରେ ତେଲ ଦର ବଢ଼ିବା ସହ ପରିବହନ ଖର୍ଚ୍ଚ ଓ ବୀମା ପ୍ରିମିୟମ ମଧ ଯଥେଷ୍ଟ ବଢ଼ିଛି। ତାହା ବାଂଲାଦେଶର ସୀମିତ ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପ୍ରବଳ ଚାପ ସୃଷ୍ଟି କରିଛି।

## ହୃଦ୍‌ଘାତରେ ହଲିଉଡ୍ ଅଭିନେତା ପାଟ୍ରିକ୍ ମୁଲଡୁନ୍‌ଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୦।୪ : ହଲିଉଡ୍ ଅଭିନେତା ଏବଂ ପ୍ରଯୋଜକ ପାଟ୍ରିକ୍ ମୁଲଡୁନ୍‌ଙ୍କ ହୃଦଘାତରେ ଦେହାନ୍ତ ହୋଇଛି। ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ସେ 'ଡେଜ୍ ଅଫ୍ ଆୱାର୍ ଲାଇଭ୍ସ' ଶୋ' ଏବଂ 'ଷ୍ଟାରସିପ୍ ଟ୍ରୁପର୍ସ' ଫିଲ୍ମରେ ତାଙ୍କର ଭୂମିକା ପାଇଁ ପ୍ରସିଦ୍ଧ ଥିଲେ। କାଲିଫର୍ନିଆର ସାନ ପେଡ୍ରୋରେ ଜନ୍ମିତ, ମୁଲଡୁନ୍ ୟୁଏସସିରୁ ସ୍ନାତକ ହାସଲ କରିଥିଲେ। ସେ ତାଙ୍କ କଲେଜ ସମୟରେ ତାଙ୍କର ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ, ଯେତେବେଳେ ତାଙ୍କୁ ସିଟକମ୍ 'ହୁ ଇଜ୍ ଦି ବସ୍'ର ଦୁଇଟି ଏପିସୋଡ୍‌ରେ ଅଭିନୟ କରିବାର ସୁଯୋଗ ମିଳିଥିଲା ।ମୁଲଡୁନ୍ ଡେଜ୍ ଅଫ୍ ଆୱାର୍ ଲାଇଭ୍ସରେ ଅଷ୍ଟିନ୍ ରିଡ୍ ଚରିତ୍ରରେ ଅଭିନୟ କରିଥିଲେ।

## ଚିନ୍ତା ପ୍ରକାଶ କଲେ ସିଜେଆଇ

# 'ଡିଜିଟାଲ ଗିରଫଦାରି ମାମଲାରେ ଅଧିକ ଫସୁଛନ୍ତି ଶିକ୍ଷିତ'




ନୂଆଦିଲ୍ଲୀ,୨୦/୪: ଡିଜିଟାଲ ଠକେଇ ମାମଲା ଉପରେ ଚିନ୍ତା ପ୍ରକାଶ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଶିକ୍ଷିତ ବ୍ୟକ୍ତିମାନେ ମଧ ସାଇବର ଠକେଇର ଶିକାର ହେବା ଆଶ୍ଚର୍ଯ୍ୟଜନକ। ସୋମବାର ଦିନ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି 'ଡିଜିଟାଲ ଗିରଫ' ମାମଲାର ଶୁଣାଣିକୁ ମେ ୧୨ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଅନୁରୋଧ କରିବା ସମୟରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏହି ମନ୍ତବ୍ୟ ଦେଇଥିଲେ। ସାଇବର ଠକେଇ ରୋକିବା ପାଇଁ ପଦକ୍ଷେପ ସମ୍ପର୍କରେ ବିଭିନ୍ନ ବିଭାଗ ମଧରେ ଚାଲିଥିବା ବୈଠକ ଏବଂ ଏହି ପ୍ରସଙ୍ଗ ବିଚାରାଧୀନ ରହିଛି ବୋଲି ଉଲ୍ଲେଖ କରି ସେ ଏପରି କହିଛନ୍ତି ।ସୁପ୍ରିମକୋର୍ଟ 'ଡିଜିଟାଲ୍ ଗିରଫ' ମାମଲା ସମ୍ପର୍କରେ ଏକ ସ୍ୱତଃ ଶୁଣାଣି କରିଛନ୍ତି। ସୋମବାର ଦିନ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ସେ ବ୍ୟକ୍ତିଗତ ଭାବରେ ଜଣେ ମହିଳାଙ୍କୁ ଜାଣନ୍ତି ଯାହାଙ୍କ ସମ୍ପୂର୍ଣ୍ଣ ଅବସର ଲାଭ ଠକେଇ ଭାବରେ ହଡ଼ପ କରାଯାଇଥିଲା; ସେ ତାଙ୍କ ଜୀବନର ସମସ୍ତ ସଞ୍ଚୟ ହରାଇଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ ମନ୍ତବ୍ୟ ଦେଇଥିଲେ ଯେ, ଆଶ୍ଚର୍ଯ୍ୟଜନକ କଥା ହେଉଛି ଉଚ୍ଚଶିକ୍ଷିତ ବ୍ୟକ୍ତିବିଶେଷ ମଧ ଏପରି ଠକେଇର ଶିକାର ହେଉଛନ୍ତି। ସେ ଆଟର୍ଣ୍ଣି ଜେନେରାଲଙ୍କୁ ଏହି ଦିଗ ପ୍ରତି ମଧ ଧାନ ଦେବାକୁ କହିଥିଲେ। ଆଟର୍ଣ୍ଣି ଜେନେରାଲ କୋର୍ଟଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏହି ସମସ୍ତ ପ୍ରସଙ୍ଗ ଉପରେ ବିଚାର କରାଯାଉଛି। ପରବର୍ତ୍ତୀ ସମୟରେ, ଆଟର୍ଣ୍ଣି ଜେନେରାଲଙ୍କ ଅନୁରୋଧକୁ ଗ୍ରହଣ କରି କୋର୍ଟ 'ଡିଜିଟାଲ୍ ଗିରଫ' ମାମଲାର ଶୁଣାଣିକୁ ମେ ୧୨ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।

## ଅନିଲ ଅମ୍ବାନଙ୍କ କମ୍ପାନୀରେ ସିବିଆଇର କାର୍ଯ୍ୟାନୁଷ୍ଠାନ , ଦୁଇ ଅଧିକାରୀ ଗିରଫ

ନୂଆଦିଲ୍ଲୀ,୨୦।୪: ସିବିଆଇ ଅନିଲ ଅମ୍ବାନୀଙ୍କ ମାଲିକାନାରେ ଥିବା କମ୍ପାନୀ ରିଲାଏନ୍ସ କମ୍ୟୁନିକେସନ୍ସ ଲିମିଟେଡର ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ କରିଛି ଗିରଫ । ଏହି ଅଧିକାରୀଙ୍କ ନାଁ ଡି.ବିଶ୍ୱନାଥ ଓ ଅନିଲ କାଲ୍ୟା। ଅନିଲ ଅମ୍ବାନୀ, ତାଙ୍କର କମ୍ପାନୀ ରିଲାଏନ୍ସ କମ୍ୟୁନିକେସନ୍ସ ଓ କିଛି ଅଜଣା ଲୋକଙ୍କ ବିରୋଧରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଅଭିଯୋଗରେ ସିବିଆଇ କେସ୍ ରୁଜୁ କରିଛି। ବ୍ୟାଙ୍କର କହିବାନୁସାରେ , ସେ କମ୍ପାନୀକୁ ଅନେକ କ୍ରେଡିଟ୍ ଫାସିଲିଟି ଦେଇଥିଲା। କିନ୍ତୁ କମ୍ପାନୀ ଭୁଲ ଉପାୟରେ ଏହାକୁ ବ୍ୟବହାର କରିଥିଲା ଏବଂ ଫ୍ରଡ୍ କରାଯାଇ ଥିଲା। ଏଥିଯୋଗୁଁ ବ୍ୟାଙ୍କକୁ ୨୯୨୯.୦୫ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ି ଥିଲା। ଏସବିଆଇ ପକ୍ଷରୁ ରୁଜୁ କରାଯାଇ ଥିବା ଅଭିଯୋଗ ଅନୁସାରେ , କମ୍ପାନୀ ପକ୍ଷରୁ ଫ୍ରଡ୍ ଯୋଗୁଁ ୧୭ ଟି ବ୍ୟାଙ୍କକୁ ମୋଟ ୧୯,୬୯୪.୩୩ କୋଟି ଟଙ୍କାର କ୍ଷତି ହୋଇଛି। ଏବେସୁଦ୍ଧା ଯାଞ୍ଚରେ ଜଣାପଡ଼ିଛି ଯେ, ରିଲାଏନ୍ସ କମ୍ୟନିକେସନ୍ସରେ କାର୍ଯ୍ୟରତ ଅନେକ ଅଧିକାରୀମାନେ ଅଲଗା ଅଲଗା ସେଲ୍ କମ୍ପାନୀ ସବୁ ତିଆରି କରି ଥିଲେ। ବ୍ୟାଙ୍କ ଗୁଡ଼ିକରୁ ନିଆଯାଇ ଥିବା ଅର୍ଥ ରାଶିକୁ ଏହିସବୁ କମ୍ପାନୀ ଗୁଡ଼ିକ ଆକାଉଣ୍ଟରେ ଟ୍ରାନ୍ସଫର କରାଯାଇ ଥିଲା। ଏହି ଅର୍ଥ ରାଶି ସର୍ଭିସ ସହ ସମ୍ବନ୍ଧିତ ଫେକ୍ ନେଣଦେଣ ନାମରେ କରାଯାଇଛି। ଏହିପରି ବ୍ୟାଙ୍କ ଗୁଡ଼ିକରୁ ନିଆ ଯାଇଥିଲା ଅର୍ଥର ହେରଫେର ହୋଇଛି ଏବଂ ବଡ଼ କ୍ଷତି କରାଯାଇଛି। ସିବିଆଇର କହିବାନୁସାରେ ରିଲାଏନ୍ସ କମ୍ୟୁନିକେସନ୍ସର ବ୍ୟାଙ୍କିଂ ଅପରେସନ୍ସର ଜଏଣ୍ଟ ପ୍ରେସିଡେଣ୍ଟ ଭାବେ ଡି.ବିଶ୍ୱନାଥ କାର୍ଯ୍ୟ କରୁଛନ୍ତି।

# ବିମାନ ଦୁର୍ଘଟଣାକୁ ଖଣ୍ଡନ କଲେ ରାଜ୍ୟସରକାର

ନୂଆଦିଲ୍ଲୀ,୨୦।୪: ଛତିଶଗଡ଼ର ଜଶପୁର ଜିଲାର ନାରାୟଣପୁର ପାହାଡ଼ ନିକଟରେ ବିମାନ ଦୁର୍ଘଟଣାର ଖବରକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭ୍ରାମକ ବୋଲି କହି ଏହାକୁ ଅସ୍ୱୀକାର କରିଛନ୍ତି। କଲେକ୍ଟର ରୋହିତ ବ୍ୟାସ ସ୍ପଷ୍ଟ କରିଛନ୍ତି ଯେ ଛତିଶଗଡ଼ ଏୟାର ଟ୍ରାଫିକ କଣ୍ଟ୍ରୋଲ ପାଖରେ କୌଣସି ନିଖୋଜ ବିମାନ ସମ୍ପର୍କରେ କୌଣସି ସୂଚନା ନାହିଁ। ରାଜ୍ୟ ସରକାର ମଧ ଏହି ଖବରକୁ ସମ୍ପୂର୍ଣ୍ଣ ଭ୍ରାମକ ବୋଲି କହି ଏହାକୁ ଖଣ୍ଡନ କରିଛନ୍ତି। ସୂଚନାନୁସାରେ ଛତିଶଗଡର ଜଶପୁର ଜିଲ୍ଲାରେ ଏକ ଚାର୍ଟର୍ଡ ବିମାନ ଆରା ହିଲ ସହିତ ଧକ୍କା ହେବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଯାହା ଫଳରେ ବଡ ଜରୁରୀକାଳୀନ ପରିସ୍ଥିତି ଉପୁଜିଛି । ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ଏହି ଘଟଣାରେ ପାଇଲଟ ଏବଂ କୋ- ପାଇଲଟ ଉଭୟଙ୍କ ମୃତ୍ୟୁ ହୋଇଥିବା ଖବର ଆସିଥିଲା।

## ୭ ସନ୍ତାନଙ୍କ ସହ ୮ ଜଣଙ୍କୁ ଗୁଳି କରି ହତ୍ୟା କଲା ବାପା

ନୂଆଦିଲ୍ଲୀ, ୨୦।୪: ଆମେରିକାର ଲୁଇସିଆନା ରାଜ୍ୟର ଶ୍ରେଭପୋର୍ଟ ସହରରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ଜଣେ ବାପା ନିଜର ରାଗ ପାଇଁ ରାକ୍ଷସ ସାଜି ନିଜର ୭ ସନ୍ତାନଙ୍କ ସମେତ ୮ ଜଣ ଶିଶୁଙ୍କୁ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରିଛି । ଏହି ଗଣହତ୍ୟା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି । ମୃତ ଶିଶୁମାନଙ୍କ ବୟସ ମାତ୍ର ୧ ବର୍ଷରୁ ୧୪ ଭିତରେ । ପୁଲିସ ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୬ଟା ସମୟରେ ଏହି ଭୟଙ୍କର କାଣ୍ଡ ଘଟିଥିଲା । ସେହି ସମୟରେ ସମସ୍ତ ଶିଶୁ ଗଭୀର ନିଦ୍ରାରେ ଶୋଇଥିଲେ । ହତ୍ୟାକାରୀ ବାପା ଜଣକ କେବଳ ନିଜ ପିଲାମାନଙ୍କୁ ନୁହେଁ, ବରଂ ଜଣେ ସମ୍ପର୍କୀୟ ପୁତୁରା/ଝିଆରୀଙ୍କୁ ମଧ ଗୁଳି କରି ମାରିଦେଇଛି । ମୃତକଙ୍କ ମଧ୍ୟରେ ୫ ଜଣ ଝିଅ ଏବଂ ୩ ଜଣ ପୁଅ ରହିଛନ୍ତି । ଘଟଣାର ଭୟାବହତା ଏଥିରୁ ଅନୁମାନ କରାଯାଇପାରେ ଯେ, ଜଣେ ଶିଶୁ ନିଜ ଜୀବନ ବଞ୍ଚାଇବାକୁ ଛାତ ଉପରକୁ ଦୌଡ଼ି ଯାଇଥିଲା, କିନ୍ତୁ ସେଠାରେ ହିଁ ସେ ମୃତ୍ୟୁବରଣ କରିଥିଲା । ଅନ୍ୟ ଜଣେ ଶିଶୁ ଛାତରୁ ତଳକୁ ଡେଇଁ ପଡ଼ିବାରୁ ଜୀବନ ବଞ୍ଚିଯାଇଥିଲେ ମଧ ସେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ତେବେ ହତ୍ୟା କରିଥିବା ଅଭିଯୁକ୍ତ ଜଣକଙ୍କ ପରିଚୟ ୩୧ ବର୍ଷୀୟ ଶମାର ଏଲକିନ୍ସ ବୋଲି ଜଣାପଡ଼ିଛି, ଯିଏ କି ଜଣେ ପୂର୍ବତନ ସେନା କର୍ମଚାରୀ ଥିଲେ । ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହା ଏକ ଘରୋଇ ହିଂସାର ଚରମ ରୂପ । ଏଲକିନ୍ସଙ୍କ ସ୍ତ୍ରୀଙ୍କ ସହ ଛାଡ଼ପତ୍ର ମାମଲା ଚାଲିଥିଲା । ଏହି କାରଣରୁ ଦୁହିଁଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା । ସେହିଦିନ ସକାଳେ ରାଗ ଏତେ ବଢ଼ିଯାଇଥିଲା ଯେ ସେ ହିତାହିତ ଜ୍ଞାନ ଭୁଲିଯାଇଥିଲେ । ଏଲକିନ୍ସ ପ୍ରଥମେ ଗୋଟିଏ ଘରେ ଜଣେ ମହିଳାଙ୍କୁ ଗୁଳି କରିଥିଲେ ଏବଂ ପରେ ପାଖରେ ଥିବା ଅନ୍ୟ ଏକ ଘରକୁ ଯାଇ ଶିଶୁମାନଙ୍କ ଉପରେ ଅତର୍କିତ ଗୁଳି ଚାଳନା କରିଥିଲା । ଏହି ଗୁଳିକାଣ୍ଡରେ ତାଙ୍କ ପତ୍ନୀ ଏବଂ ଅନ୍ୟ ଜଣେ ମହିଳା ମଧ ଗୁରୁତର ଆହତ ହୋଇଛନ୍ତି ।

## କାନାଡାକୁ ଧମକ ଦେଲେ ଟ୍ରମ୍ପ

# ଚୀନ ସହ ବାଣିଜ୍ୟ ଚୁକ୍ତି ସମାପ୍ତ ନ କଲେ ୧୦୦% ଟାରିଫ



ୱାଶିଂଟନ,୨୦।୪: କାନାଡାକୁ କଡ଼ା ଚେତାବନୀ ଦେଲେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଯଦି କାନାଡା ଚାଇନା ସହିତ ବାଣିଜ୍ୟ ଚୁକ୍ତି ସମାପ୍ତ ନ କରେ, ତେବେ ଆମେରିକା ୧୦୦ ପ୍ରତିଶତ ଟାରିଫ ଲାଗୁ କରିବ । ସେ ସ୍ପଷ୍ଟ କରିଛନ୍ତି ଯେ ଆମେରିକୀୟ ବାଣିଜ୍ୟ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଏହି ପଦକ୍ଷେପ ନିଆଯାଇପାରେ। ପୂର୍ବରୁ ଶୁକ୍ରବାର, ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ କହିଥିଲେ ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉତ୍ତର ଆମେରିକୀୟ ବାଣିଜ୍ୟ ଚୁକ୍ତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପ୍ରତିବଦ୍ଧ । କାନାଡାର ବାଣିଜ୍ୟ ଆଲୋଚନା ରଣନୀତିକୁ ସମାଲୋଚନା କରି ସେ ମନ୍ତବ୍ୟ ଦେଇଥିଲେ, "ସେମାନେ ବହୁତ ଖରାପ।" ବାଣିଜ୍ୟ ବିଭାଗର ଜଣେ ମୁଖପାତ୍ର ଉଲ୍ଲେଖ କରିଛନ୍ତି ଯେ ଲୁଟନିକ୍ ଆମେରିକା ଏବଂ କାନାଡା ମଧ୍ୟରେ ବାଣିଜ୍ୟ ଅସନ୍ତୁଳନକୁ ଉଜାଗର କରୁଛନ୍ତି । ଏହା ଦର୍ଶାଇଛନ୍ତି ଯେ କାନାଡା କିପରି ୩୦ ଟ୍ରିଲିୟନ ଡଲାର ମୂଲ୍ୟର ଆମେରିକୀୟ ଅର୍ଥନୀତିକୁ ଉପଯୋଗ କରୁଛି। ଗଣମାଧ୍ୟମ ସେମାଫୋର ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଭାଷଣ ଦେଇ, ଲୁଟନିକ୍ ଟ୍ରମ୍ପ ପ୍ରଶାସନ ବିରୁଦ୍ଧରେ କାନାଡାର ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। ସେ ଜଣେ ପୂର୍ବତନ କାନାଡା ବାଣିଜ୍ୟ ଅଧିକାରୀଙ୍କ ପରାମର୍ଶକୁ ଖାରଜ କରିଦେଇଥିଲେ ଯେ କାନାଡା ଆଲୋଚନାକୁ ଟାଣି ନେଇ ଏକ ଲାଭ ପାଇପାରିବ, ଏହାକୁ "ଏବେଠାରୁ ଖରାପ ରଣନୀତି" ବୋଲି ବର୍ଣ୍ଣନା କରିଥିଲେ।

## ଇରାନରେ ଯୁଦ୍ଧ ଆଣିଲା ଦୁଃସ୍ଥିତି

# ଅଣ୍ଡା ଗୋଟାକ ଦେଢ଼ ଲକ୍ଷ , କ୍ଷୀର ଲିଟର ୮ ଲକ୍ଷ



ନୂଆଦିଲ୍ଲୀ,୨୦।୪: ଇରାନରେ ଗୋଟିଏ ଅଣ୍ଡାର ଦାମ୍ ଦେଢ଼ ଲକ୍ଷ ରିୟାଲ । ଏପ୍ରିଲ ମାସର ଆରମ୍ଭରୁ ଏହି ପରିସ୍ଥିତି ଇରାନବାସୀ ଦେଖି ଆସୁଛନ୍ତି । ଇରାନରେ ମୁଦ୍ରାସ୍ଫୀତି ଏତେ ଦ୍ରୁତ ଗତିରେ ପହଞ୍ଚିଛି ଯେ ସାଧାରଣ ଖାଦ୍ୟ ସାମଗ୍ରୀ ମଧ ଲୋକଙ୍କ ପାଖରେ ପହଞ୍ଚିବା କଷ୍ଟକର ହୋଇପଡୁଛି । ଇରାନରେ ଏବେ ୧ ଡଜନ ଅଣ୍ଡାର ମୂଲ୍ୟ ୧୫ ଲକ୍ଷ ରିୟାଲ । ଅନ୍ୟପକ୍ଷରେ ଲିଟରେ କ୍ଷୀରର ଦାମ୍ ୮ ଲକ୍ଷ ରିୟାଲ୍ ହୋଇଯାଇଛି । ଭାତ ଯାହା ପ୍ରତିଟି ଘରର ମୁଖ୍ୟ ଖାଦ୍ୟ ତାହା ଏବେ ଖାଇବା ସ୍ୱପ୍ନ ହୋଇଯାଇଛି । କାରଣ ଇରାନରେ ଚାଉଳର ମୂଲ୍ୟ ୩୨ ଲକ୍ଷ ରିୟାଲ୍ । ପରିସ୍ଥିତି ଏତେ ଖରାପ ହୋଇଯାଇଛି ଯେ ଆୟ ଏବଂ ଖର୍ଚ୍ଚ ମଧ୍ୟରେ ସନ୍ତୁଳନ ପୁରାପୁରି ବିଗିଡ଼ି ଯାଇଛି । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କିଣିବା ସାଧାରଣ ଲୋକଙ୍କ ପାଇଁ ଏକ ସଂଘର୍ଷ ପାଲଟିଛି । ବଜାର ଚଳଚଞ୍ଚଳ ଥିଲେ ମଧ ଗ୍ରାହକଙ୍କ ମୁହଁରେ ରହିଛି ଚିନ୍ତା । ଯେମିତିକି ପ୍ରତିଟି ଗ୍ରାହକ ବାଧବାଧକତାରେ ସଉଦା କିଣୁଛନ୍ତି । ଇରାନର ଏହି ପରିସ୍ଥିତି କେବଳ ମୁଦ୍ରାସ୍ଫୀତିର କାହାଣୀ ନୁହେଁ ବରଂ ସାଧାରଣ ନାଗରିକମାନେ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ଯେଉଁ ଚାପ ତଳେ ସଂଘର୍ଷ କରୁଛନ୍ତି ତାହାର ଏକ ସ୍ପଷ୍ଟ ଚିତ୍ର । ଆଜି ଇରାନର ଅର୍ଥନୀତି ଏପରି ଏକ ମୋଡ଼ରେ ପହଞ୍ଚିଥିବା ପରି ମନେ ହେଉଛି ଯେଉଁଠାରେ ସାଧାରଣ ଲୋକଙ୍କ ପାଇଁ ପରିସ୍ଥିତି ଅତ୍ୟନ୍ତ କଷ୍ଟକର ହେଉଛି । ଭାବନ୍ତୁ କିଲେ ମାଂସର ମୂଲ୍ୟ ୧ କୋଟି ରିଆଲରେ ଯଦି ପହଞ୍ଚି ଯାଏ ଏବଂ ଗୋଟିଏ ଡଲାର କିଣିବା ପାଇଁ ପ୍ରାୟ ୧ ଲକ୍ଷ ୬୫ ହଜାର ରିଆଲ ଖର୍ଚ୍ଚ ହୁଏ । ତେବେ ଏହା କେବଳ ମୁଦ୍ରାସ୍ଫୀତି ନୁହେଁ ବରଂ ଏକ ଗଭୀର ଆର୍ଥିକ ସଙ୍କଟର ଚିତ୍ର । କିନ୍ତୁ ପ୍ରଶ୍ନ ହେଉଛି ଏହି ପରିସ୍ଥିତି କିପରି ଉପୁଜିଲା ? ପ୍ରକୃତରେ, ଏହାର ମୂଳ ବହୁ ବର୍ଷ ପୁରୁଣା। ଆନ୍ତର୍ଜାତୀୟ କଟକଣା ଇରାନର ଅର୍ଥନୀତିକୁ ଗୁରୁତର ଭାବରେ ପଙ୍ଗୁ କରିଦେଇଥିଲା । ଖାସ୍ କରି ତୈଳ ରପ୍ତାନି ଉପରେ କଟକଣା ଦେଶର ସବୁଠାରୁ ବଡ଼ ଆୟ ଉତ୍ସକୁ ଦୁର୍ବଳ କରିଦେଇଥିଲା। ଏହାଛଡ଼ା ବିଶ୍ୱ ବଜାରରୁ ବିଚ୍ଛିନ୍ନତା, ବିଦେଶୀ ନିବେଶରେ ହ୍ରାସ ଏବଂ ବ୍ୟାଙ୍କିଂ ବ୍ୟବସ୍ଥା ଉପରେ କଟକଣା ପରିସ୍ଥିତିକୁ ଆହୁରି ଖରାପ କରିଦେଇଥିଲା । ସରକାରଙ୍କ ଆର୍ଥିକ ନୀତିରେ ଅସନ୍ତୁଳନ, କ୍ରମାଗତ ଭାବରେ ହ୍ରାସ ପାଉଥିବା ମୁଦ୍ରା ଏବଂ ବଢୁଥିବା ବେକାରୀ ସାଧାରଣ ଲୋକଙ୍କୁ ପଙ୍ଗୁ କରିଦେଇଛି । ଯେତେବେଳେ କୌଣସି ଦେଶର ମୁଦ୍ରା ଦ୍ରୁତ ଗତିରେ ହ୍ରାସ ପାଏ, ଆମଦାନୀ ମହଙ୍ଗା ହୋଇଯାଏ ଯାହା ସିଧାସଳଖ ଖାଦ୍ୟ, ଔଷଧ ଏବଂ ଇନ୍ଧନ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ପ୍ରଭାବ ପକାଏ । ବର୍ତ୍ତମାନ ପରିସ୍ଥିତିରେ ମୁଦ୍ରାସ୍ଫୀତି ଆକାଶଛୁଆଁ ହେଉଛି । ଲୋକଙ୍କ ଆୟ ସମାନ ରହିଛି କିନ୍ତୁ ଖର୍ଚ୍ଚ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଫଳସ୍ୱରୂପ, ମଧ୍ୟବିତ୍ତ ଏବଂ ଗରିବ ଲୋକମାନେ ସର୍ବାଧିକ ପ୍ରଭାବିତ ହେଉଛନ୍ତି । ଆଜି ଇରାନର ପରିସ୍ଥିତି ଏପରି ହୋଇଛି ଯେ ଦେଶର ମୁଦ୍ରା ରିଆଲ ତାର ମୂଲ୍ୟ ହରାଇଛି । ଲୋକଙ୍କ ପାଇଁ ଏହା ଏବେ କେବଳ ଏକ କାଗଜ ଖଣ୍ଡ ।

# ଟ୍ରମ୍ପଙ୍କୁ ୟୁଏଇର ଧମକ

## ଯୁଦ୍ଧର ଖର୍ଚ୍ଚ ବହନ କର, ନଚେତ୍ କାରବାର ହେବ ୟୁଆନରେ



ଆବୁଧାବି,୨୦/୪: ଇରାନ-ଆମେରିକା ଯୁଦ୍ଧ ମଧ୍ୟରେ, ଏପରି ଖବର ସାମ୍ନାକୁ ଆସୁଛି ଯାହା ଡୋନାଲ୍ଡ ଟ୍ରମ୍ପଙ୍କ ସମସ୍ୟାକୁ ଆହୁରି ବଢ଼ାଇପାରେ। ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ମଧ୍ୟପ୍ରାଚ୍ୟକୁ ଆମେରିକାଠାରୁ ଦୂରେଇ ରହିବାକୁ ବାଧ କରିଛି। ଏହାର ସଦ୍ୟତମ ଉଦାହରଣ ହେଉଛି ଯେ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଯୁଦ୍ଧ ଆରମ୍ଭ ପାଇଁ ୱାସିଂଟନକୁ ଦାୟୀ କରିଛି ଏବଂ ଆମେରିକାକୁ ଯୁଦ୍ଧର ଖର୍ଚ୍ଚ ବହନ କରିବାକୁ ଦାବି କରିଛି। ପରିସ୍ଥିତି ଆହୁରି ଖରାପ ହେଲେ ଡଲାରରୁ ୟୁଆନକୁ ସ୍ଥାନାନ୍ତରିତ ହେବା ନେଇ ଚେତାବନୀ ଦେଇଛି। କାରଣ ସ୍ପଷ୍ଟ ଯେ, ଏହି ଯୁଦ୍ଧ ୟୁଏଇ ସମେତ ମଧ୍ୟପ୍ରାଚ୍ୟର ଅନ୍ୟ ଦେଶର ସମ୍ପତ୍ତିକୁ ବିପୁଳ କ୍ଷତି ପହଞ୍ଚାଇଛି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ଖବର ଅନୁଯାୟୀ, ୟୁଏଇ ଇରାନ ଯୁଦ୍ଧରେ ହୋଇଥିବା କ୍ଷତି ପାଇଁ ଆମେରିକାଠାରୁ ଆର୍ଥିକ ଗ୍ୟାରେଣ୍ଟି ମାଗିଛି। ଏହି ଦାବି ୱାସିଂଟନ ପାଇଁ ଆର୍ଥିକ ସଙ୍କଟର ଦ୍ୱାର ଖୋଲିପାରେ ବୋଲି କୁହାଯାଉଛି। କାରଣ ଅନ୍ୟ ଉପସାଗରୀୟ ଦେଶଗୁଡ଼ିକ ମଧ କ୍ଷତିପୂରଣ ପାଇଁ ପଛକୁ ପଛ ଧାଡ଼ିରେ ସାମିଲ ହୋଇପାରନ୍ତି। ଏହି ଯୁଦ୍ଧ ଆମେରିକା ପାଇଁ ଏକ ମହଙ୍ଗା ବ୍ୟାପାର ହେବାକୁ ଯାଉଛି। କାରଣ ଯୁଦ୍ଧ ପରବର୍ତ୍ତୀ ପୁନଃନିର୍ମାଣରେ ବିପୁଳ ପରିମାଣରେ ଖର୍ଚ୍ଚ ହେବ। ରିପୋର୍ଟ ଅନୁଯାୟୀ, ଫେବ୍ରୁଆରି ୨୮ରେ ଇରାନ ସହ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମେରିକା ପ୍ରତିଦିନ ୮୯୦ ନିୟୁତ ଡଲାରୁ ୧ ବିଲିୟନ ଡଲାର ଖର୍ଚ୍ଚ କରିଛି। ଇସ୍ରାଏଲ ଏପର୍ଯ୍ୟନ୍ତ ମୋଟ ୧୧.୨ ବିଲିୟନ ଡଲାର ଖର୍ଚ୍ଚ କରିଛି, ଯାହାର ଅଧାରୁ ଅଧିକ ୬.୨ ବିଲିୟନ ଡଲାର କେବଳ ପ୍ରଥମ ୨୦ ଦିନରେ ଖର୍ଚ୍ଚ ହୋଇଛି। ଯୁଦ୍ଧ ପରବର୍ତ୍ତୀ ଖର୍ଚ୍ଚରେ ସାଉଦି ଆରବ ଭଳି ଉପସାଗରୀୟ ଦେଶଗୁଡ଼ିକରେ ବେସାମରିକ ଏବଂ ଶକ୍ତି ଭିତ୍ତିଭୂମି ମରାମତି ଅନ୍ତର୍ଭୁକ୍ତ। ଯାହା ୬୦ ବିଲିୟନ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏଥିମଧ୍ୟରୁ କେବଳ ତୈଳ ଏବଂ ଗ୍ୟାସ୍ ସୁବିଧା ପୁନଃନିର୍ମାଣ ପାଇଁ ୫୦ ବିଲିୟନ ଡଲାର ଆବଶ୍ୟକ ବୋଲି କୁହାଯାଉଛି। ଉପସାଗରୀୟ ଦେଶଗୁଡ଼ିକ ମଧ୍ୟରେ, ୟୁଏଇ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି।

# ଗ୍ରୀଷ୍ମ ପ୍ରଭାବ: ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ୩ଦିନ ବନ୍ଦ ଘୋଷଣା କଲେ ଜିଲ୍ଲାପାଳ

କଟକ(ନିପ୍ର): ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଚଳିତ ଅପ୍ରେଲମାସ ୨୧.୦୪.୨୦୨୬ ରିଖ ଠାରୁ ୨୩.୦୪.୨୦୨୬ ରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏଥି ସହିତ ଆବଶ୍ୟକସ୍ଥଳେ ବିଦ୍ୟାଳୟ ତରଫରୁ ଅନଲାଇନ ଶିକ୍ଷାଦାନ କରାଯାଇପାରିବ । ଏହି ସମୟରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ଜିଲ୍ଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜଗୁଡ଼ିକ ମଧ୍ୟ ଉକ୍ତ ସମୟ ମଧ୍ୟରେ ବନ୍ଦ ରହିବ । ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିୟମିତ ସୂଚୀ ଅନୁଯାୟୀ ହେବ । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ରନ୍ଧା ଖାଦ୍ୟ ବଦଳରେ ଶୁଖିଲା ଜିନିଷ ଘରକୁ ଦେବା ନିମନ୍ତେ ଶ୍ରୀ ସିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ପୂର୍ବରୁ ପ୍ରାତଃ ୬ଟା୩୦ ମିନିଟ ଠାରୁ ସକାଳ ୯ଘଟିକା ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ଶ୍ରୀ ସିନ୍ଦେ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ଗ୍ରୀଷ୍ମ ପ୍ରଭାହର ବୃଦ୍ଧିକୁ ପରିଲକ୍ଷିତ କରି ପୁର୍ନବାର ସମୀକ୍ଷା କରାଯାଇ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରଯାଇଛି । ଉପଯୁକ୍ତ ଗ୍ରୀଷ୍ମ ପ୍ରବାହ ସତର୍କତା ଅବଲମ୍ବନ କରି ଜନଗଣନା କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ଯୌତୁକ ଜନିତ ମୃତ୍ୟୁ ମାମଲା

# ଦୁଇ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର(ନିପ୍ର)): ମାନ୍ୟବର ବିଚାରପତି ହିମାଂଶୁ ଶେଖର ମଲ୍ଲିକ, ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍, ଭୁବନେଶ୍ୱର, ଗତ ୨୦୧୩ ମସିହା ଫେବୃଆରୀ ମାସରେ ଭୁବନେଶ୍ୱର ମହିଳା ଥାନାରେ ରୁଜୁ ହୋଇଥିବା ଏକ ଯୌତୁକ ଜନିତ ମୃତ୍ୟୁ ମାମଲାର ବିଚାର କରି ଆସାମୀ ନିରଞ୍ଜନ ମଣ୍ଡଳ ଓ ସବିତା ମଣ୍ଡଳଙ୍କୁ ୩ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୨୦,୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଘଟଣାକ୍ରମେ: ଅଭିଯୋଗକାରୀଙ୍କ ଝିଅ +୨ ପ୍ରଥମ ବର୍ଷରେ ପାଠପଢୁଥିବା ସମୟରେ, ଅଭିଯୁକ୍ତ ମହାଦେବ ମଣ୍ଡଳ ତାଙ୍କୁ ବିବାହ କରିବାକୁ ବାଧ କରିଥିଲେ ଏବଂ ମନା କଲେ ତାଙ୍କ ପିତାମାତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏପରି ପରିସ୍ଥିତିରେ, ଅଭିଯୋଗକାରୀ ସମ୍ମତି ଦେଇଥିଲେ ଏବଂ ସେମାନଙ୍କର ବିବାହ ଭୁଆସୁଣୀ ମନ୍ଦିରରେ ସମ୍ପନ୍ନ ହୋଇଥିଲା । ବିବାହ ପରେ, ପୀଡିତା ତାଙ୍କ ଶ୍ୱଶୁରଘରେ ରହୁଥିବା ବେଳେ ଅତିରିକ୍ତ ଯୌତୁକ ଦାବିକୁ ନେଇ ନିରନ୍ତର ଶାରୀରିକ ଓ ମାନସିକ ନିର୍ଯାତନାର ସମ୍ମୁଖୀନ ହେଉଥିଲେ । ଅଭିଯୋଗକାରୀ ଏହି ଦାବି ପୂରଣ କରିପାରିନଥିବାରୁ, ପୀଡିତାଙ୍କୁ ପିତାମାତାଙ୍କ ଘରକୁ ଫେରାଇ ଦିଆଯାଇଥିଲା ଏବଂ ଉଭୟ ପରିବାର ମଧ୍ୟରେ ପାରସ୍ପରିକ ପୃଥକୀକରଣ ଚୁକ୍ତିନାମା କାର୍ଯ୍ୟକାରୀ ହୋଇଥିଲା । ପରବର୍ତ୍ତୀ ସମୟରେ, ଅଭିଯୁକ୍ତମାନେ ଫୋନ୍ ମାଧ୍ୟମରେ ପୀଡିତାଙ୍କୁ ଧମକ ଦେଇ ଚାଲିଥିଲେ । ତା ୧୭.୦୨.୨୦୧୩ ରେ, ପିତାମାତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ପୀଡିତା ଓଢଣୀ ବ୍ୟବହାର କରି ସିଲିଂ ଫ୍ୟାନରେ ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ । ଘଟଣାସ୍ଥଳରୁ ଏକ ସୁଇସାଇଡ ନୋଟ୍ ମଧ୍ୟ ଉଦ୍ଧାର କରାଯାଇଥିଲା । ପରେ ଅଭିଯୋଗକାରୀ ପ୍ରଥମେ ଖଣ୍ଡଗିରି ଥାନାରେ ରିପୋର୍ଟ ଦେଇଥିଲେ ଏବଂ ପରବର୍ତ୍ତୀରେ ମହିଳା ଥାନାରେ ମାମଲା ରୁଜୁ କରାଇଥିଲେ । ଅଭିଯୋଗକୁ ଆଧାର କରି ମହିଳା ଥାନା କେସ ନଂ-୩୯/୨୦୧୩ ରେ ମାମଲା ରୁଜୁ ହୋଇଥିଲା ଏବଂ ତତ୍କାଳୀନ ସବ୍-ଇନ୍ସପେକ୍ଟର କଲ୍ୟାଣୀ ବେହେରା ଏହାର ତଦନ୍ତ କରିଥିଲେ । ସେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତମାନଙ୍କୁ କୋର୍ଟକୁ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ମହାଦେବ ମଣ୍ଡଳ ଗିରଫ ଏଡାଇ ଫେରାର ଥିଲେ । ପରେ ତା ୩୧.୦୫.୨୦୧୩ ରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା । ମାନ୍ୟବର ଅଦାଲତ ୧୭ ଜଣ ସାକ୍ଷୀଙ୍କ ଜବାନବନ୍ଦି ଏବଂ ୧୪ଟି ପ୍ରାସଙ୍ଗିକ ଦଲିଲପତ୍ରକୁ ଅଧ୍ୟୟନ କରି ବିଚାର କାର୍ଯ୍ୟ ସମାପ୍ତ କରିଥିଲେ । ତାଙ୍କ ରାୟରେ ଅଭିଯୁକ୍ତମାନଙ୍କୁ ଆଇପିସି ଦଫା ୪୯୮-ଏ/୩୪ ଅନୁଯାୟୀ ୩ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୨୦,୦୦୦ ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର କାରାଦଣ୍ଡ ଆଦେଶ ଦେଇଛନ୍ତି । ଏହା ସହିତ ଦଫା ୪ ଡି.ପି. ଆକ୍ଟ ଅନୁଯାୟୀ ୧ ବର୍ଷର କାରାଦଣ୍ଡ ମଧ୍ୟ ଆଦେଶ ହୋଇଛି ଏବଂ ସମସ୍ତ ଦଣ୍ଡବିଧାନ ସମବର୍ତ୍ତୀ ଭାବେ ଚାଲିବାକୁ ଉଲ୍ଲେଖ କରାଯାଇଛି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଶୁଭଶ୍ରୀ ଜେନା ସଫଳତାର ସହ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷରେ ଏହା ୪୨ତମ ସଜା ମାମଲା ଅଟେ ।

## ଖଣ୍ଡା ଧରି ଗାଁ ଦାଣ୍ଡରେ ଆତଙ୍କ: ୨ ଗିରଫ



ହିଞ୍ଜିଳିକାଟୁ(ନିପ୍ର): ପ୍ରେମରେ ତିକ୍ତତା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଞ୍ଜାମ ଜିଲ୍ଲା ବେଲଗାଁ ଥାନା ଦୁର୍ଗନ୍ଧ ଗ୍ରାମର ହରିଜନ ସାହିରେ ୨ଜଣ ଯୁବକ ହାତରେ ଖଣ୍ଡା ଧରି ଗାଁ ଦାଣ୍ଡରେ ଆତଙ୍କ ଖେଳାଉଥିଲେ । ୨ ଯୁବକ ଗାଁ ଦାଣ୍ଡରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସଂପୃକ୍ତ ସାହିରେ ଭୟ ସୃଷ୍ଟି କରୁଥିଲେ । ଭୟରେ ସଂପୃକ୍ତ ସାହି ବାସିନ୍ଦା ଘରେ କବାଟ କିଳି ରହିଥିଲେ । ବେଲଗାଁ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ପୁଲିସ ଗାଡିକୁ ଦେଖି ୨ ଯୁବକ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ । ପୁଲିସ ସେମାନଙ୍କ ପିଛାକରି କାବୁ କରିବା ସହ ଖଣ୍ଡାକୁ ଜବତ କରିଛି । ଗିରଫ ୨ ଯୁବକ ହେଲେ ହିଞ୍ଜିଳି ଥାନା ବ୍ରାହ୍ମଣଛାଇ ଗ୍ରାମର ଗୌରା ନାଇକ (୨୩) ଓ ବେଲଗାଁ ଥାନା ଦୟାପଲ୍ଲୀ ଗ୍ରାମର ଉଦ୍ଧବ ଦାସ (୨୪) । ଏ ନେଇ ବେଲଗାଁ ଥାନାରେ କେସ ନଂ - ୫୮/୨୬ରେ ଏକ ମାମଲା ରୁଜୁକରି ଗିରଫ ୨ଯୁବକଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ କହିଛନ୍ତି । ପ୍ରକାଶ ଯେ, ଦୟାପଲ୍ଲୀ ଗ୍ରାମର ଉଦ୍ଧବ ଦୁର୍ଗନ୍ଧ ଗ୍ରାମର ଏକ ମହିଳାଙ୍କୁ ପ୍ରେମକରି ଆସୁଥିଲେ । ମହିଳା ଜଣଙ୍କ ଏଥିରେ ରାଜି ନହେବାରୁ ରବିବାର ସନ୍ଧ୍ୟାରେ ତାଙ୍କ ସାଙ୍ଗ ବ୍ରାହ୍ମଣଛାଇ ଗ୍ରାମର ଗୌରାଙ୍କୁ ଡାକି ହାତରେ ଖଣ୍ଡା ଧରି ଗାଁ ଦାଣ୍ଡରେ ଆତଙ୍କ ସୃଷ୍ଟି କରିଥିଲେ ।

## କଳପଡ଼ା ପଞ୍ଚାୟତଠାରେ ଅକ୍ଷିମୁଠି ଅନୁକୂଳ

କଟକ(ନିପ୍ର): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଳପଡ଼ା ପଂଚାୟତ ସ୍ଥିତ କଦମ୍ବେଶ୍ୱର ମହାଦେବଙ୍କ ନିକଟସ୍ଥ ଜମିରେ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ଦ୍ୱାରା ଅକ୍ଷିମୁଠି ଅନୁକୂଳ ହୋଇଯାଇଛି । ଅନୁଷ୍ଠାନର ସଭାପତି ତଥା ସମାଜସେବୀ ମନୋଜ ନାୟକ ଅକ୍ଷିମୁଠି ଅନୁକୂଳ କରିଥିଲେ । କୃଷକଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ଓ ଜନସାଧାରଣ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶତାଧିକ ଚାଷୀଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମରେନ୍ଦ୍ର ମହାପାତ୍ର, ସୂର୍ଯ୍ୟ ଭୂୟାଁ, ସଂଜୀବ ପରିଡ଼ା, ସଂଜୀବ ମହାପାତ୍ର, ମିଲୁ ମହାପାତ୍ର, ସୁନିଲ ମୁଦୁଲି ଓ ଉଦୟ ସାଶମଲ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ଉପଦେଷ୍ଟା ବିଜୟ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚୋରି ମାମଲାରେ ଦୋଷୀ ସାବ୍ୟସ୍ତ ଓ ସଶ୍ରମ କାରାଦଣ୍ଡ

କାକଟପୁର(ନିପ୍ର):ଏକ ଚୋରି ମାମଲାର ବିଚାର କରି କାକଟପୁର ଜେଏମଏଫସି କୋର୍ଟର ମାନ୍ୟବର ବିଚାରପତି ଶ୍ରୀଚନ୍ଦନ ଦାଶ ଆସାମୀକୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜୋରିମାନା ବିଧାନ କରିଛନ୍ତି । କାକଟପୁର ଜେଏମଏଫସି କୋର୍ଟର କେସ ନମ୍ବର ଜିଆର-୨୯୯/୨୦୨୫ ଓ ଥାନା ପିଏସ କେସ ନମ୍ବର ୨୭୪/୨୦୨୫ର ସମସ୍ତ ସାକ୍ଷ୍ୟ, ପୋଲିସ ତଦନ୍ତ ରିପୋର୍ଟ ଓ ସମସ୍ତ ପ୍ରମାଣକୁ ଆଧାରକରି ଅଦାଲତ ଆସାମୀ ଗଗନ ବିହାରୀ ଛୁଆଳସିଂକୁ ୟୁଏସ ୩୩୧(୪)/୩୦୫ ବିଏନଏସରେ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି । ଜୋରିମାନା ଅନାଦେୟ ହେଲେ ଅଧିକ ୩ମାସ ଜେଲଦଣ୍ଡର ପ୍ରାବଧାନ ରହିଛି ।ଏହି କେସଟିକୁ ସରକାରୀ ଓକିଲ ଭାବେ ପ୍ରଭାତ କୁମାର ଦୀକ୍ଷିତ ଓ ତପନ ପଟ୍ଟନାୟକ ପରିଚାଳନା କରୁଥିବା ବେଳେ ତଦନ୍ତକାରୀ ଅଫିସର ଭାବେ କାକଟପୁର ଥାନାର ଏଏସଆଇ ରମେଶ ଚନ୍ଦ୍ର ନିଶାଙ୍କ ରହିଥିଲେ ।

## କେନ୍ଦୁପାଣି ଶିବମନ୍ଦିରରେ ଶୀତଳଷଷ୍ଠୀ ପାଇଁ ଗଣ୍ଠୁଆଳ ଫିଟା



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକର କେନ୍ଦୁପାଣି ଶ୍ରୀ ଧବଳେଶ୍ୱର ମହାଦେବ ମନ୍ଦିରରେ ସୋମବାର ଅକ୍ଷୟ ତୃତୀୟା ଅବସରରେ ଶୀତଳଷଷ୍ଠୀ ଯାତ୍ରା ଓ ମହୋତ୍ସବ ପାଇଁ ଗଣ୍ଠିଲି ଫିଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ମହାଦେବଙ୍କ ମାତାପିତା କର୍ତ୍ତା ଭାବେ କେନ୍ଦୁପାଣିର ଶରତ ଚନ୍ଦ୍ର ଗୋପାଳ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ଦେବୀ ଏବଂ ମାତା ପାର୍ବତୀଙ୍କ ମାତାପିତା କର୍ତ୍ତା ଭାବରେ ଗୋବିନ୍ଦପୁରର ହେରମ୍ବ ପାଳ (ବୁଲୁ) ଓ ତାଙ୍କ ସ୍ତ୍ରୀ କଲ୍ୟାଣୀ ଦେବୀ ସଙ୍କଳ୍ପ କରି ଦାୟିତ୍ୱ ନିର୍ବାହ କରିଥିଲେ । ଗଣ୍ଠୁଆଳ ଫିଟା କାର୍ଯ୍ୟକ୍ରମରେ ପୁରୋହିତ ତଥା ମନ୍ଦିର ପୂଜକ ଗୌରାଙ୍ଗ ତ୍ରିପାଠୀ,ବିନୋଦ ଭାଇଁଷା,ମନ୍ଦିର ଉନ୍ନୟନ କମିଟି ସଭାପତି ହେମନ୍ତ ଚନ୍ଦ୍ର ସାହୁ, ସୁଗ୍ରୀବ ବାଘ, ବିନୋଦ ବାଘ ପ୍ରମୁଖ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏଥିରେ ଅଞ୍ଚଳର ବହୁସଂଖ୍ୟକ ପୁରୁଷ ମହିଳା ଭକ୍ତ ସାମିଲ ହୋଇଥିଲେ ।

## ମଙ୍ଗଳା ମନ୍ଦିରରେ ଚନ୍ଦନଯାତ୍ରା ଆରମ୍ଭ



କାକଟପୁର(ନିପ୍ର): କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଅକ୍ଷୟତୃତୀୟାଠାରୁ ବାହାର ଚନ୍ଦନ ଯାତ୍ରା ମହାସମାରୋହରେ ଆରମ୍ଭ ହୋଇଛି । ପୁରୀ ଶ୍ରୀମନ୍ଦିର ଭଳି ବାର ମାସରେ ତେର ପର୍ବ ପାଳିତ ହୋଇଥାଏ । ତନ୍ମଧ୍ୟରୁ ଚନ୍ଦନ ଯାତ୍ରା ଅନ୍ୟତମ । ଯାହାକି ଦୀର୍ଘ ବାଇଶି ଦିନ ଧରି ଚାଲିଥାଏ । ଏହା ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇ ବାଇଶି ଦିନ ଚାଲିବା ପରେ ହଳଦୀ ପାଣିରେ ସମାପ୍ତ ହୋଇଥାଏ । ପ୍ରତ୍ୟହ ସନ୍ଧ୍ୟା ଆଳତୀ ପରେ ବେଢ଼ାରେ ଥିବା ରାଧାକୃଷ୍ଣ ଜୀଉଙ୍କୁ ଏକ ସୁସଜ୍ଜିତ ମଣି ବିମାନରେ ବସାଯାଇ ଘଣ୍ଟ, ଘଣ୍ଟା, ମାର୍ଦ୍ଦଳ, ଢୋଲ, ମହୁରି ଆଦି ପାରମ୍ପରିକ ବାଦ୍ୟ ବଜାଯାଇ ନିକଟସ୍ଥ ପ୍ରାଚୀ ନଦୀର ଚନ୍ଦନ ଘାଟକୁ ନିଆଯାଇଥାଏ । ସେଠାରେ ଜୀଉମାନଙ୍କୁ ଚନ୍ଦନ, କର୍ପୁର, ଚୁଆ, ହଳଦୀ, କସ୍ତୁରୀ ଆଦି ମିଶ୍ରିତ ପାଣିରେ ସ୍ନାନ କରାଯିବା ପରେ ବାଲଧୂପ କରାଯାଇ ବନ୍ଦାପନା କରାଯାଇଥାଏ । ପରେ ପରେ ଶ୍ରୀଜୀଉମାନଙ୍କୁ ଏକ ଡଙ୍ଗାରେ ବସାଇ ଚାପ ଖେଳାଯାଇଥାଏ । ପରେ ରାଧାକୃଷ୍ଣଙ୍କୁ ମନ୍ଦିର ପ୍ରତ୍ୟାବର୍ତ୍ତନ ବାଟରେ ବିଭିନ୍ନ ସ୍ଥାନରେ ପଂକ୍ତି ଭୋଗ କରାଯାଇ ସ୍ୱମନ୍ଦିରକୁ ଫେରିଥାଆନ୍ତି ପ୍ରବଳ ରୌଦ୍ର ତାପରୁ ରକ୍ଷା ପାଇବା ପାଇଁ ଦେବୀ ଦେବତା ମାନଙ୍କର ଏହି ଶୀତଳ ଯାତ୍ରା ଅନୁଷ୍ଠିତ ହୋଇଥାଏ ।

## ଡ୍ରାମା ଦେଖିବା ସମୟରେ ଘରୁ କଳାକନା ବୁଲେଇଲେ ଚୋର

ଭାପୁର(ନିପ୍ର): ଗ୍ରାମରେ ଚାଲିଥିବା ଡ୍ରାମା ଦେଖିବାକୁ ପରିବାର ସଦସ୍ୟମାନେ ଯାଇଥିବା ସମୟରେ ଚୋର ଘରେ ପଶି ନଗଦ ଟଙ୍କା ସହିତ ସୁନା ଗହଣା ଚୋରି ହୋଇଥିବା ନେଇ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି । ପଦ୍ମାବତୀ ପଞ୍ଚାୟତ ଅନ୍ତର୍ଗତ ୫ଗଡ଼ପଡା ଗ୍ରାମରେ ରବିବାର ରାତ୍ରିରେ ଡ୍ରାମା ଚାଲିଥିଲା । ଗ୍ରାମର ସଞ୍ଜୟ ପ୍ରଧାନଙ୍କ ପରିବାର ସମସ୍ତ ସଦସ୍ୟ ଡ୍ରାମା ଦେଖିବାକୁ ଯାଇଥିଲେ । ଏହି ମୌକାରେ ଚୋରମାନେ ସଞ୍ଜୟଙ୍କ ଦାଣ୍ଡ କବାଟ ତାଲା ଭାଙ୍ଗି ଘରେ ପଶି ଭିତରପଟୁ କବାଟ ଧଡ଼ା ଦେଇ ଲୁଟପାଟ କରି ବାରିପଟେ ପଳାୟନ କରିଥିଲେ । ବିଳମ୍ବିତ ରାତ୍ରିରେ ଡ୍ରାମା ଦେଖିସାରି ସଞ୍ଜୟଙ୍କ ପରିବାର ଆସିଲା ପରେ ଦେଖିଲେ ଦାଣ୍ଡ କବାଟ ଭିତର ପଟୁ ଦିଆହୋଇଛି ଏବଂ ବାରିପଟ କବାଟ ଖୋଲା ଅଛି । ଏହା ଦେଖି ଘର ଭିତରକୁ ଗଲାପରେ ଜାଣିଲେ ଘରୁ ଚୋରି ହୋଇଛି । ୧୫ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଗହଣା ଏବଂ ଲକ୍ଷାଧିକ ନଗଦ ଟଙ୍କା ଚୋରି ହୋଇଛି ବୋଲି ସଞ୍ଜୟ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାସ୍ଥଳ ରେ ସୋମବାର ଦିନ ପହଞ୍ଚି ତଦନ୍ତ ଚାଲୁ ରଖିଛନ୍ତି ।

## ବିଚ୍ ରାସ୍ତାରେ ଟଙ୍କା ଓ ମୋବାଇଲ ଲୁଟ: ଜଣେ ଗିରଫ



ଜଟଣୀ(ନିପ୍ର): ବିଚ ରାସ୍ତାରେ ଜଣେ ବ୍ୟକ୍ତିଙ୍କ ଟଙ୍କା ଓ ମୋବାଇଲ ଫୋନ ଲୁଟିନେବା ଅଭିଯୋଗରେ ଜଟଣୀ ଥାନା ପୋଲିସ ୧୮୯/୨୬ ମାମଲା ରୁଜୁକରି ତଦନ୍ତ କରିବା ସହ ଅଭିଯୁକ୍ତ ଏସକେ ମନୁଓ୍ୱର୍ (୨୩) ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ରାଧେ ବାଗେ ନାମକ ଜଣେ ଦିନମଜୁରିଆ ଏବଂ ସେ ତାଙ୍କ କକା ଆକାଶ ପ୍ରଧାନଙ୍କ ସହିତ ଗତ ୧୮ ତାରିଖ ବିଡିଏ କଲୋନି ବିଷ୍ଣୁ ମନ୍ଦିର ନିକଟରେ କାମ କରୁଥିଲେ । ସେହିଦିନ ପ୍ରାୟ ୫ଟା ସମୟରେ ସେମାନେ ବିଡିଏ କଲୋନି ବିଷ୍ଣୁ ମନ୍ଦିରରୁ ଗୋଲେଇ ମାର୍କେଟ ଆଡକୁ ଫେରୁଥିବା ସମୟରେ ମୁଣ୍ଡିଆ ସାହି ମା' ମଙ୍ଗଳା ମନ୍ଦିର ନିକଟରେ ଏସ୍.କେ. ମନୁଓ୍ୱର୍ ଏବଂ ଅନ୍ୟ ଜଣେ ସହଯୋଗୀ ହଠାତ୍ ଆସି ଏକ ଛୁରୀ ଦେଖାଇ ଟଙ୍କା ଦାବି କରିଥିଲେ । ପୀଡିତ ପ୍ରତିବାଦ କରିବାରୁ ସେମାନେ ଜୋରଜବରଦସ୍ତ ତାଙ୍କ ମୋବାଇଲ୍ ଫୋନ୍ ଏବଂ ୨୩,୫୦୦ ଟଙ୍କା ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତଦନ୍ତ ସମୟରେ ଜଣାପଡିଥିଲା ଯେ ଅଭିଯୁକ୍ତ ମାନେ ଅସାମାଜିକ କାର୍ଯ୍ୟକଳାପରେ ଜଡିତ ଏବଂ ସାଧାରଣତଃ ନିଶା ସେବନ କରିଥାନ୍ତି । ରାତି ସମୟରେ ସେମାନେ ଛୁରୀ ଏବଂ ବାଉଁଶ ଲାଠି ଧରି ବିଭିନ୍ନ ଲୋକଙ୍କୁ ଭୟଭୀତ କରାଇ ଅଟକାଉଥିଲେ, ଅପମାନଜନକ ଭାଷା ବ୍ୟବହାର କରୁଥିଲେ ଏବଂ ସ୍ଥାନୀୟ ଲୋକଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ସମର୍ଥନ ନ କରିବାକୁ ଧମକ ଦେଉଥିଲେ । ପୋଲିସ ପଚରାଉଚରା ଦଳ ପହଞ୍ଚିବା ମାତ୍ରେ ସେମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ସଂପୃକ୍ତ ଥାନାରେ ଏକ ମାମଲା ରହିଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ।

### ବେଆଇନ କରତ କଳ ଉପରେ ଚଢ଼ାଉ

## କାଠ ଓ ଯନ୍ତ୍ରାଂଶ ଜବତ: ମାଲିକ ଫେରାର

ଧାମନଗର(ନିପ୍ର): ଧାମନଗର ଅଧୀନ ହବିବନଗରଠାରେ ବେଆଇନ କରତକଳ ଉପରେ ସୋମବାର ଧାମନଗର ବନ ବିଭାଗ ଚଢ଼ାଉ କରି କାଠ ଓ ଯନ୍ତ୍ରାଂଶ ଜବତ କରିଛି । ଭଦ୍ରକ ଜିଲା ଧାମନଗର ବଜାରଠାରେ କିଛି ଦିନ ହେଲା ବେଆଇନ ଭାବେ କରତକଳ ଚାଲି ଆସୁଥିଲା । ଧାମନଗର ବନ ବିଭାଗ ସୋମବାର ସକାଳୁ ଚଢ଼ାଉ କରିଛି । ବନ ବିଭାଗ ବେଆଇନ କରତ କଳରୁ ପୁଣ୍ଡିଆ, ଜାମୁ, ଅର୍ଜୁନ ଓ ଅନ୍ୟାନ୍ୟ କାଠ ଗଡ ଓ ଯନ୍ତ୍ରାଂଶ ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ଜବତ କରିଛି । ଚାନ୍ଦବାଲି ଡିଏଫ୍ଓଙ୍କ ମୃତ୍ୟୁ ପରେ ଚାର୍ଜରେ ଥିବା ଭଦ୍ରକ ଏସିଏଫ୍ ସୁମିତ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ବନବିଭାଗ ରେଞ୍ଜର ବବୁଲ ମଲିକ, ଧାମନଗର ଫରେଷ୍ଟର ବସନ୍ତ ମାଝୀ, ଭଣ୍ଡାରିପୋଖରୀ ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍କେ, ମଧୁସ୍ମିତା ମହାନ୍ତି ଓ ଫରେଷ୍ଟ ଗାର୍ଡ ପୀତବାସ ଶଙ୍ଖୁଆ, ସୁହାସିନୀ ସ୍ୱାଇଁ, ପ୍ରଦୀପ କୁମାର ନାୟକ, ଲିପିକା ପ୍ରିୟଦର୍ଶନୀ ଦାସ, ଲକ୍ଷ୍ମୀ ହେମ୍ବ୍ରମ, ରେବତୀ ତ୍ରିପାଠୀ, ନିକିତା ସିଂଙ୍କ ସମେତ ଧାମନଗର ପୋଲିସ ସହାୟତାରେ ଧାମନଗର ଏନ୍ଏସି ଅଧିନ ମୁଖ୍ୟ ରାସ୍ତା ପାର୍ଶ୍ୱରେ ହବିବନଗରଠାରେ ଚାଲୁଥିବା ବେଆଇନ କରତକଳ ଉପରେ ଚଢ଼ାଉ କରିଥିଲେ । ଜବତ କାଠ ଓ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ବବୁଲ ମଲିକଙ୍କ ସୂତ୍ରରୁ ପ୍ରକାଶ । ଚଢ଼ାଉ ସମୟରେ କରତକଳ ମାଲିକ ଫେରାର ହୋଇଯାଇଥିବା ଜଣାଯାଇଛି ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କବି ଜୟଦେବ ଓ ଗୋପୀନାଥ ମହାନ୍ତି ଜୟନ୍ତୀ

ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କବି ଜୟଦେବ ଓ କଥାଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ତଥା ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅଦ୍ୱୈତ ଚରଣ ଧଳ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଗୀତଗୋବିନ୍ଦ ଓ ଜୟଦେବଙ୍କ ନିବିଡ଼ ସଂପର୍କର ପ୍ରସଙ୍ଗ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ଜୟଦେବଙ୍କ ଗୀତଗୋବିନ୍ଦର ପଦ ଲାଳିତ୍ୟ କିପରି ପରବର୍ତ୍ତୀ କବିମାନଙ୍କୁ ପ୍ରଭାବିତ କରିଛି, ତାହାର ଅବତାରଣା କରିଥିଲେ । ଏଥିସହ ଗୋପୀନାଥ ମହାନ୍ତିଙ୍କ କଥା ସାହିତ୍ୟର ସାଧାରଣ ଅସହାୟ ମଣିଷର ବେଦନାର କଥାକୁ ଉଲ୍ଲେଖ କରିଥିଲେ । ସଭାମୁଖ୍ୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓଡ଼ିଆ ଅସ୍ମିତା ଜୟଦେବଙ୍କ କୃତିରେ କିପରି ପ୍ରତିଫଳିତ ହୋଇଛି ତାର ଉଲ୍ଲେଖ କରିଥିଲେ । ଏଥିସହ ଆଦିବାସୀ ଅନୁନ୍ନତ ମଣିଷର ସ୍ୱର କିପରି ଗୋପୀନାଥ ମହାନ୍ତିଙ୍କ କଥା ସାହିତ୍ୟରେ ପ୍ରତିଫଳିତ ହୋଇଥିଲା ତାହାର ଅବତାରଣା କରିଥିଲେ ।



ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ଓ ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ଓଡ଼ିଶୀ କଣ୍ଠସଙ୍ଗୀତ ବିଭାଗର ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଜୟଦେବଙ୍କ ଦଶାବତାର ସଂଗୀତ ପରିବେଷଣ କରିଥିଲେ ।

## ଗାଡି ଧକ୍କାରେ ୩ ଗୋରୁ ମୃତ: ଗ୍ରାମରେ ଉତ୍ତେଜନା



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ଥାନା ଅନ୍ତର୍ଗତ ବଡପୋଖରୀଆ ଟାଙ୍ଗିଂ ସାହିରେ ସୋମବାର ଏକ ହୃଦୟବିଦାରକ ଘଟଣା ଘଟିଛି । ପଥର ବୋଝେଇ ଏକ ଦ୍ରୁତଗାମୀ ଗାଡିର ଧକ୍କାରେ ୩ଟି ଗୋମାତାଙ୍କ ମୃତ୍ୟୁ ଘଟିଛି ବୋଲି ଅଭିଯୋଗ ହୋଇଛି । ଘଟଣା ପରେ ଚାଳକ ଗାଡି ସହ ଫେରାର ହୋଇଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତିଦିନ ମଧ୍ୟରାତ୍ର ସମୟରେ ଏହି ଅଞ୍ଚଳରେ ବେଆଇନ ପଥର ଚୋରାଚାଲାଣ ଚାଲିଛି । ପଥର ମାଫିଆମାନେ ଭାରି ଯାନବାହନକୁ ଗାଁ ଭିତରୁ ବେପରୁଆ ଗତିରେ ଚଳାଉଥିବାରୁ ପଶୁମୃତ୍ୟୁ ସହ ମାନବ ଜୀବନ ମଧ୍ୟ ବିପଦରେ ପଡୁଛି । ଗାଁର ରାସ୍ତାରେ ଶୋଇଥିବା ବୁଲା କୁକୁର ଓ ଗୋମାତାମାନେ ପ୍ରାୟତଃ ଏହିପରି ଦୁର୍ଘଟଣାର ଶିକାର ହେଉଛନ୍ତି । ଏହା ସହିତ ଗାଁର ଛୋଟପିଲା ଓ ବରିଷ୍ଠ ନାଗରିକମାନେ ଏହି ରାସ୍ତା ଦେଇ ଯା'ଆସ କରୁଥିବାରୁ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ବଢ଼ିଛି । ପୂର୍ବରୁ ମଧ୍ୟ ଏଠାରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟିଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କଠୋର ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହେଉଛି । ସ୍ଥାନୀୟ ଗ୍ରାମବାସୀ ମାନେ ଏହି ଘଟଣାକୁ ନେଇ ତୀବ୍ର ଆକ୍ରୋଶ ପ୍ରକାଶ କରି ନିରାକାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେମାନଙ୍କ ଦାବି, ଅବିଳମ୍ବେ ବେଆଇନ ପଥର ଚୋରାଚାଲାଣ ଉପରେ ରୋକ ଲଗାଯାଉ ଓ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ । ଯଦି ପୋଲିସ ପକ୍ଷରୁ ଶୀଘ୍ର କୌଣସି ପଦକ୍ଷେପ ନ ନିଆଯାଏ, ତେବେ ଗାଁ ଲୋକେ ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି ।

# ଗାଈ ମୁଗ ଫସଲ ଖାଇବାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣ: ଜଣେ ଗୁରୁତର



ପିପିଲି(ନିପ୍ର): ଗାଈ ମୁଗ ଫସଲ ଖାଇବାକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ନୂଆସାହି ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଗ୍ରାମର ବିଭୂତି ଭୂଷଣ ଦାସ (୫୫) ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ଶନିବାର ବିଭୂତି ବାହାରକୁ ଯାଇଥିଲା ବେଳେ ତାଙ୍କ ପୁଅ ବୁଦ୍ଧେଶ୍ୱର ଗାଁ ଶେଷ ମୁଣ୍ଡରେ ଥିବା ସେହି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଜମିକୁ ଲାଗି ନିଜ ଜମିରେ ଗାଈ ବାନ୍ଧିଥିଲେ । ଅପରାହ୍ନରେ ଗାଈ ଆଣି ଆସୁଥିଲା ବେଳେ ଜମିରେ ବୁଣା ହୋଇଥିବା ମୁଗ ଫସଲକୁ କୁଆଡେ ବିଭୂତିଙ୍କ ଗାଈ ଖାଇଥିବା ଅଭିଯୋଗ କରି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ପରେ ପୁନର୍ବାର ସେମାନେ ରାତି ୮ ସମୟରେ ବିଭୂତିଙ୍କ ଘରକୁ ଆସି ଗାଳି ଗୁଲଜ କରି ଧମକ ଚମକ ଦେଇ ଚାଲିଯାଇଥିଲେ । ଉକ୍ତ ଦିନ ରାତି ସାଢେ ୧୧ଟାରେ ବିଭୁତି କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲା ବେଳେ ଗାଁ ମୁଣ୍ଡରେ ଥିବା ପୋଖରୀଠାରେ ଜନୈକ ବ୍ୟକ୍ତି, ପତ୍ନୀ, ୨ପୁଅ ଓ ଅନ୍ୟ ୩ଜଣଙ୍କ ସହ ମିଶି ବାଟ ଓଗାଳିଥିଲେ । ବିଭୁତି ରହିବା କ୍ଷଣି ଆସାମୀ ମାନେ ବିଭୁତିଙ୍କୁ ଟେକି ନେଇ ଓ ପୋଖରୀ ଭିତରେ ମାଡ ମାରିଥିଲେ । ଫଳରେ ବିଭୂତି ଚେତା ହରାଇବାରୁ ଆସାମୀ ମାନେ ମରିଗଲା ଭାବି ସେଠାରୁ ଚାଲି ଯାଇଥିଲେ । କିଛି ସମୟ ପରେ ବିଭୂତିଙ୍କ ଚେତା ଫେରିବାରୁ ସେ ବହୁ କଷ୍ଟରେ ଚାଲି ଚାଲି ଘରେ ପହଞ୍ଚି ଥିଲେ । ପରିବାର ଲୋକେ ବିଭୁତିଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସାକ୍ଷୀଗୋପାଳ ମେଡ଼ିକାଲକୁ ନେଇଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିଲା ବୋଲି ବିଭୁତି ତାଙ୍କ ଅଭିଯୋଗରେ ଉଲ୍ଲେଖ କହିଛନ୍ତି । ଅନ୍ୟପଟେ ଗିରଫ ଭୟରେ ଆସାମୀ ମାନେ ଫେରାର ହୋଇଯାଇଛନ୍ତି ।

## କୁସୁମୀ ଆଞ୍ଚଳିକ ରାମଲୀଳା ମହୋତ୍ସବ ଉଦ୍ଯାପିତ



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର କୁସୁମୀଠାରେ ଦୀର୍ଘ ୭ଦିନ ଧରି ଚାଲିଥିବା ଆଞ୍ଚଳିକ ରାମଲୀଳା ମହୋତ୍ସବ ରବିବାର ବିଳମ୍ବିତ ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି । ଗତ ୧୨ ତାରିଖରେ କଳସ ଯାତ୍ରା ଓ ଅଧିବାସ ପରେ ୧୩ ତାରିଖରେ ସନ୍ଧ୍ୟାରେ ଏହା ଉଦ୍‌ଘାଟିତ ହୋଇଥିଲା । ଏଥିରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ରାମାୟଣର ସାତଟି କାଣ୍ଡର ବିଷୟ ବସ୍ତୁକୁ ଗୀତିନାଟ୍ୟ ମାଧ୍ୟମରେ ସାତଦିନ ବ୍ୟାପୀ ମଞ୍ଚସ୍ଥ ହୋଇଥିବା ବେଳେ କୁସୁମୀ ରାମଲୀଳା ପଡ଼ିଆରେ ଅଞ୍ଚଳର ଦର୍ଶକ ଏହାକୁ ଭରପୁର ଉପଭୋଗ କରିଥିଲେ । ବଛାବଛା କଳାକାରଙ୍କ ଦ୍ୱାରା ପୌରାଣିକ ବିଷୟବସ୍ତୁର ନିଖୁଣ ଅଭିନୟ ଦର୍ଶକଙ୍କ ହୃଦୟ ଛୁଇଁଥିଲା । ରାମ ଭୂମିକାରେ ଶୋଭାକାନ୍ତ ନାୟକ, ଲକ୍ଷ୍ମଣ ସୁବାସ ପଟେଲ, ଦଶରଥ ମିତ୍ରଭାନୁ ନାୟକ ଶବରୀ ସୁଲୋଚନା ଦାସ, ମନ୍ଦୋଦରୀ କାନ୍ତା ପ୍ରଧାନ ପ୍ରମୁଖ ଅଭିନୟ କରିଥିବା ବେଳେ, ରାବଣ ଭୂମିକାରେ ବିଭୂତି କଲ୍ୟାଣ ପଟେଲଙ୍କ ଅଭିନୟ ବେଶ ମନମୁଗ୍ଧକର ହୋଇଥିଲା । ଚନ୍ଦ୍ରଭାନୁ ନାଏକ ନାଟକର ନିର୍ଦ୍ଦେଶନା ଦେଇଥିବା ବେଳେ କଣ୍ଠଶିଳ୍ପୀ ଭାବେ ଭାରତୀ ପଟେଲ, ଲିଲିମା ପଟେଲ, ଅଶୋକ ଜୟପୁରିଆ,ପ୍ରକାଶ ମିଶ୍ର, ଅରୁଣ ନାଏକ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ ।

